ସ୍ୱାର୍ଥ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Vol.26 . No.85 Bhubaneswar Friday May 10 2024 | ୨୬ତମ ବର୍ଷ | ସଂଖ୍ୟା-୮୫ ଭୁବନେଶ୍ୱର, ଶୁକ୍ରବାର, ମଇ ୧୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ବିଜେଡି ଜାରି କଲା ଘୋଷଣା ପତ୍ର: ଫୋକସ୍‌ରେ ଯୁବ ଭୋଟର



ଭୁବନେଶ୍ୱର,୯।୫(ପି.ଏନ): ବିଜେପି ପରେ ଆଜି ବିଜେଡି ଜାରି କରିଛି ନିର୍ବାଚନ ଇସ୍ତାହାର। ନିର୍ବାଚନ ବୈତରଣୀ ପାର୍ ହେବାକୁ ବିଜେଡି ତା' ଇସ୍ତାହାରରେ ବଡବଡ ପ୍ରତିଶ୍ରୁତି ଦେଇଛି। ବିଶେଷ କରି ଦଳ ଫୋକସ୍‌ରେ ଅଛନ୍ତି ଯୁବ ଭୋଟର ଓ ମଧ୍ୟବିତ୍ତ ବର୍ଗର ଲୋକ। ଦଳ ୨୪ ବର୍ଷର ଶାସନ ଭିତରେ ଯାହା କରିନଥିଲା, ସେ ସବୁ କୁଆଡ ଆଗାମୀ ୫ ବର୍ଷ ଭିତରେ କରିଦେବ ବୋଲି ଘୋଷଣାପତ୍ରରେ ଦମ୍ଭୋକ୍ତି ଦେଖାଇଛି। ଦଳ ଦାବି କରିଛି ଯେ, ଗତ ୨୪ ବର୍ଷ ମଧ୍ୟରେ ବିଜେଡି ସରକାର ଓଡିଶାକୁ ଏକ ଗରିବ, କ୍ଷୁଧା ପ୍ରବଣ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କବଳିତ ପଛୁଆ ରାଜ୍ୟରୁ ଆଧୁନିକ ଅଭିବୃଦ୍ଧି ଭିତ୍ତିକ, ସଂସ୍କୃତି ଓ ଅସ୍ମିତାର ପରିଚୟ ଭିତ୍ତିକ ରାଜ୍ୟରେ ପରିଣତ କରିପାରିଛି। ପ୍ରଭୁ ଜଗନ୍ନାଥଙ୍କ କୃପା ଓ ଜନସାଧାରଣଙ୍କ ଆଶୀର୍ବାଦ ସହିତ ଏହି ଲୋକାଭିମୁଖୀ ମନିଫେଷ୍ଟୋରେ ଉପସ୍ଥାପିତ ହୋଇଥିବା ଗ୍ୟାରେଣ୍ଟି ଗୁଡିକ ୫-ଟି ଗଭର୍ନାନ୍ସ ମାଧ୍ୟମରେ କାର୍ଯ୍ୟକାରୀ ହେବ। ଓଡିଶା ଗଠନର ଶହେ ବର୍ଷ ପାଳନ କରିବାର ୨ ବର୍ଷ ପୂର୍ବରୁ ୨୦୩୪ ସୁଦ୍ଧା ଓଡିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ ହେବ ବୋଲି ବିଜେଡି କହିଛି।

## ଭୁବନେଶ୍ୱରରେ ହେବ ୧୧୧ କିଲୋମିଟରର ରିଂ ରୋଡ୍: ଗଡକାରୀ



ଭୁବନେଶ୍ୱର,୯।୫(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ହେବ ୧୧୧ କିଲୋମିଟରର ରିଂ ରୋଡ୍। ଏହା ୬ ଲେନ୍ ବିଶିଷ୍ଟ ହେବ। ଏ ବାବଦରେ ଖର୍ଚ୍ଚ ହେବ ୬, ୫୦୦ କୋଟି ଟଙ୍କା। ଆସନ୍ତା ଅକ୍ଟୋବରରୁ କାମ ଆରମ୍ଭ ହେବ। ଏହି ରିଂ ରୋଡ୍ ସରିଲେ କଟକ-ଭୁବନେଶ୍ୱର-ଖୋର୍ଦ୍ଧା ଯା'ଆସ ସହଜ ହେବ। ତା'ସହ ଚିଲିକା ଉପରେ ନିର୍ମାଣ ହେବ ପୋଲ। ଆଜି ପୁରୀ କୃଷ୍ଣପ୍ରସାଦରେ ବିଜେପିର ବିଜୟ ସେତୁ ସଂକଳ୍ପ ସମାବେଶରେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ।ଗଡକରୀ ଆହୁରି ମଧ୍ୟ କହିଛନ୍ତି, ଏହି ଦୁଇ ପୋଲ ନିର୍ମାଣ ହେଲେ ଦୁଇ ଏନ୍‌ଏଚ୍ ଯୋଡି ହେବ। ଗୋଟିଏ ପୋଲ ୧ କିମି ଓ ଅନ୍ୟଟି ଅଢ଼େଇ କିମିର ୨ ଲେନ୍ ବିଶିଷ୍ଟ ହେବ। ଏଥିପାଇଁ ଡିପିଆର ପ୍ରସ୍ତୁତି ଚାଲିଛି। ନିର୍ବାଚନ ସରିଲେ ଟେଣ୍ଡର ଡକାଯିବ। ସେହିପରି ରାମେଶ୍ୱର-ପୁରୀ-କୋଣାର୍କ-ଦାଗା ୧୬୭ କିମି ରାସ୍ତା ୪ ଲେନ ବିଶିଷ୍ଟ ହେବ। ଏଥିପାଇଁ ୮୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କଟକ-ପାରାଦୀପ ୮୭ କିମିର ରାସ୍ତା ୪ ଲେନ୍ ବିଶିଷ୍ଟ ହେବ। ଏଥିସହ ୨ ଶହ କୋଟି ଟଙ୍କାରେ ପାରାଦୀପରେ ନିର୍ମାଣ ହେବ ଏୟାରପୋର୍ଟ। ରାୟପୁର-ବିଶାଖାପାଟଣା ୬ ଲେନ୍ ରାସ୍ତାର ୪୫୫ କିମି ଭିତରୁ ଓଡିଶାରେ ରହିଛି ୨୪୦ କିମି। ଯାହାର କାମ ଡିସେମ୍ବର ସୁଦ୍ଧା ସରିବ। ମୁମ୍ବାଇ-କୋଲକାତା ରାସ୍ତାର ଓଡିଶାରେ ଥିବା ୪୫୦ କିମି କାମ ଶୀଘ୍ର ସରିବ ଓ ସମ୍ବଲପୁର ସହରରେ ୩୫ କିମି ରିଂ ରୋଡ୍ କାମ ଅକ୍ଟୋବରରୁ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଗଡକରୀ।

## ଭୁବନେଶ୍ୱରରେ ମୋଦିଙ୍କ ରୋଡ୍ ଶୋ'; ଦିନ ୨ଟାରୁ ଏହି ରାସ୍ତାରେ ଯିବାଆସିବା ମନା



ଭୁବନେଶ୍ୱର,୯।୫(ପି.ଏନ): ଆସନ୍ତାକାଲି ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭୁବନେଶ୍ୱରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଏକ ରୋଡ୍ ଶୋ' କରିବେ। ରାତି ସାଢେ ୮ଟାରୁ ବିଜେପି ପାର୍ଟି ଅଫିସରୁ ଏହି ରୋଡ୍ ଶୋ' ବାହାରିବାର କାର୍ଯ୍ୟକ୍ରମ ରହିଛି। ଏହା ବାଣୀବିହାର ପର୍ଯ୍ୟନ୍ତ ଯିବ। ସେଥିପାଇଁ ଜନପଥରେ (ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ) ଟ୍ରାଫିକ କଟକଣା ଜାରି କରିଛି କମିଶନରେଟ୍ ପୁଲିସ। କାଲି ଅପରାହ୍ନ ୨ଟାରୁ ରୋଡ୍ ଶୋ' ସରିବା ଯାଏଁ ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତା ବନ୍ଦ ରହିବ। ସେହିପରି ଅପରାହ୍ନ ୪ଟାରୁ ରୋଡ୍ ଶୋ' ଶେଷ ହେବା ପର୍ଯ୍ୟନ୍ତ ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ୍ ରାସ୍ତା ବନ୍ଦ ରହିବ। ଏହା ସହିତ ଜନପଥକୁ ସଂଯୋଗ କରୁଥିବା କୌଣସି ଗଳିରୁ ଗାଡିଗୁଡିକୁ ରାସ୍ତାକୁ ଛଡାଯିବନି। ସୂଚନା ଅନୁଯାୟୀ, ଆସନ୍ତାକାଲି ରାତି ୮ଟା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନପଥ ସ୍ଥିତ ବିଜେପି ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିବେ। ରାତି ସାଢେ ୮ଟାରୁ ସେ ରୋଡ୍ ଶୋ' ଆରମ୍ଭ କରିବେ। ଏହା ରାତି ପ୍ରାୟ ସାଢେ ୯ଟା ପର୍ଯ୍ୟନ୍ତ ଚାଲିବ ଓ ବାଣୀବିହାର ଛକରେ ଶେଷ ହେବ। ମୋଦିଙ୍କ ରୋଡ୍ ଶୋ'ରେ ଦେଖିବାକୁ ମିଳିବ ଓଡ଼ିଆ କଳା ଓ ସଂସ୍କୃତିର ଝଲକ। ବିଜେପି କାର୍ଯ୍ୟାଳୟରୁ ବାଣୀ ବିହାର ମଧ୍ୟରେ ୧୦ଟି ସ୍ଥାନରେ ରହିବ ଓଡିଶା କଳା ଓ ପରମ୍ପରାର ୧୦ଟି ଆଇକନ। ବିଜେପି ପାର୍ଟି ଅଫିସରେ କୋଣାର୍କ ଚକ୍ର ଓ ବାଣୀବିହାର ଛକରେ ଖଣ୍ଡଗିରି ଐତିହ୍ୟ ସ୍ଥାନିତ ହେବ। ଝାଞ୍ଜ ମୃଦୁଙ୍ଗରେ ମୋଦିଙ୍କୁ ସ୍ୱାଗତ କରାଯିବା ସହିତ ସମ୍ବଲପୁରୀ ଭଳି ଏକାଧିକ ଲୋକନୃତ୍ୟ ପ୍ରଦର୍ଶନ କରାଯିବ।

## ବିଏମସିର କଠୋର ନିୟମ: ସକାଳ ୧୦ଟା ସୁଦ୍ଧା ଅଫିସରେ ପହଞ୍ଚିବେ ସମସ୍ତ କର୍ମଚାରୀ, ବିଳମ୍ବ ହେଲେ କଟିବ ଦରମା

ଭୁବନେଶ୍ୱର,୯।୫(ପି.ଏନ): ସମସ୍ତ କର୍ମଚାରୀମାନେ ସାବଧାନ ହୋଇଯାଆନ୍ତୁ । ଏଣିକି ନିୟମିତ, ଠିକା ଓ ବାହ୍ୟ ସମସ୍ତ କର୍ମଚାରୀ ସକାଳ ୧୦ଟା ସୁଦ୍ଧା ଅଫିସରେ ପହଞ୍ଚିବେ । ୧୦ଟା ୩୦ ପରେ ଅଫିସରେ ପହଞ୍ଚିଲେ ତାହାକୁ ବିଳମ୍ବ ବୋଲି ଧରାଯିବ । ଅଫିସରେ ବିଳମ୍ବରେ ପହଞ୍ଚିଲେ କର୍ମଚାରୀଙ୍କର ଦରମା କାଟି ଦିଆଯିବ । ବିଏମସି ଚିକିତ୍ସାଳୟ ସମେତ ଜୋନ୍ କାର୍ଯ୍ୟାଳୟ ପାଇଁ ମଧ୍ୟ ସମାନ ନିୟମ ରହିଛି । ଏ ନେଇ ବିଏମସି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି ।ବିଏମସି କାର୍ଯ୍ୟାଳୟରେ କାର୍ଯ୍ୟର ମାନ ବୃଦ୍ଧି ଓ ବୃତ୍ତିଗତ ମାନ ବଢ଼ାଇବା ପାଇଁ ଏହି ସମୟ ନିର୍ଘଣ୍ଟ କରାଯାଇଛି । ବହୁ କର୍ମଚାରୀ ଠିକ୍ ସମୟରେ ଅଫିସରେ ପହଞ୍ଚୁ ନଥିବାରୁ ଏହାକୁ ଦୃଷ୍ଟିରେ ରଖି ବିଏମସି କର୍ତ୍ତୃପକ୍ଷ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସମସ୍ତ କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥାପନ ବାଧ୍ୟତାମୂଳକ କରାଯାଇଛି । କର୍ମଚାରୀମାନେ ପ୍ରତ୍ୟେକ ଦିନ ସକାଳ ୧୦ଟା ସୁଦ୍ଧା ଅଫିସରେ ପହଞ୍ଚିଲେ । ବିଳମ୍ବରେ ପହଞ୍ଚୁଥିବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି ।କର୍ମଚାରୀଙ୍କ ଅଫିସ ଆସିବା ସମୟ ବାୟୋମେଟ୍ରିକ ତଥ୍ୟ ଆଧାରରେ ଗଣନା କରାଯିବ । ଆବଶ୍ୟକ ପ୍ରମାଣ ଦେଲେ ମାତ୍ର ୨ ଥର ବିଳମ୍ବକୁ ବାଦ୍ ଦିଆଯିବ । ମାତ୍ର ୨ରୁ ଅଧିକ ଥର ଏପରି ଘଟିଲେ କର୍ମଚାରୀଙ୍କର ଅଧାର ଦିନର ସିଏଲ କଟିଯିବ । ୧୦ ଦିନରୁ ଅଧିକ ବିଳମ୍ବ ହେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଭାଗୀୟ ଅଧିକାରୀମାନେ କର୍ମଚାରୀଙ୍କର ଛୁଟିର ରେକର୍ଡ ପ୍ରଦାନ କରିବେ । ତେବେ କ୍ଷେତ୍ରରେ କାମ କରୁଥିବା ଷ୍ଟାଫଙ୍କ ପାଇଁ କିଛିଟା ନିୟମ କୋହଳ କରାଯାଇଛି । ଏନେଇ ସେମାନେ ଉପରିସ୍ଥ ଅଧିକାରୀଙ୍କୁ ଏ ବାବଦରେ ଅବଗତ କରାଇବେ । ସିଏଲ / ଇଏଲ ନଥାଇ ୭ ଦିନ ବିଳମ୍ବରେ ଆସିଲେ ଗୋଟିଏ ଦିନର ଦରମା କଟିଯିବ । ସମସ୍ତଙ୍କ ପାଇଁ ଏହି ନିୟମ କଡାକଡି ଭାବେ ପାଳନ କରାଯିବ ବୋଲି କୁହାଯାଇଛି ।

## ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପ୍ରଚାର

ଭୁବନେଶ୍ୱର,୯।୫(ପି.ଏନ) : ଆଜି ଜୟଦେବ ବିଧାନସଭା ନିର୍ବାଚନ ଅ'ର୍ଗତ ବାଲିପାଟଣା ବ୍ଲକରେ ବ୍ଲକ କଂଗ୍ରେସ ସଭାପତି ଶ୍ରୀ ବଟକୃଷ୍ଣ ରାଉତରାୟଙ୍କ ନେତୃତ୍ୱରେ ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ସୟଦ ୟାସିର ନୱାଜ ଏବଂ ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ସଗରିଆ ମଝିହରା ପଂଚାୟତର ଧାନହରା ହାଟରେ ସକାଳେ ପରିବା ଓ ଅନ୍ୟାନ୍ୟ ବ୍ୟବସାୟୀ, ଖାଉଟିଙ୍କ ସହ ମିଶି ସେମାନଙ୍କର ସମସ୍ୟା ସଂପର୍କରେ ଅବଗତ ହେବା ସହ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହାପରେ ବେଙ୍ଗବତି ଠାରେ ଶୋଭାଯାତ୍ରା କରାଯାଇ ଅଠା'ର ଗ୍ରାମରେ ଘର ଘର ବୁଲି ଜନସଂପର୍କ କରାଯାଇଥିଲା। ସେଠାରେ ଥିବା ଅନୁସୂଚିତ ଜାତିର ବସ୍ତିକୁ ଯାଇ ଲୋକଙ୍କ ସହ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଏହା ପରେ ଗରିଙ୍ଗ ଓ ସରିପୁର ଗ୍ରାମକୁ ଯାଇ ନିର୍ବାଚନ ପ୍ରଚାର କରିଥିଲେ। ବାଲିପାଟଣା ହାଟରେ ମଧ୍ୟ ଉପସ୍ଥିତ ଲୋକଙ୍କୁ ମତଦାନ କରିବା ପାଇଁ ନିବେଦନ କରିଥିଲେ। ଏହାପରେ ଥାନାସାହିରେ ଥିବା କ୍ଲବରେ ଉପସ୍ଥିତ ଜନତାଙ୍କୁ ସାକ୍ଷାତ କରିଥିଲେ। ପରିକାପାଟଣା ଦଳିତ ବସ୍ତିରେ ଏକ ପରିବାରଙ୍କ ସହମିଶି ପଖାଳ ଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଉମାକା' ସାହାଣି, ଦିଲ୍ଲୀପ ସ୍ୱାଇଁ, ରମାକାନ୍ତ ସାହାଣି, ନିହାର ରନ ନାୟକ, ସୌମ୍ୟ ରାୟ, ସନ୍ଦିପ ରାଉତରାୟ, ଦେବାଶିଷ ବେହେରା, ପବିତ୍ର ଭୋଇ, ମାଧବାନନ୍ଦ ମଲ୍ଲିକ, ସଲ୍‌ମନ୍, ମହମ୍ମଦ ରାହୁମ୍ ଓ ତ୍ରିନାଥ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣକରିଥିଲେ।

## ଝାଳ ବୁହାଉଛନ୍ତି କଂଗ୍ରେସ, ବିଜେପି; ମୁଖ୍ୟମନ୍ତ୍ରୀଙ୍କ ଦେଖାନାହିଁ

ଭୁବନେଶ୍ୱର,୯।୫(ପି.ଏନ):ବଲାଙ୍ଗିର ଜିଲ୍ଲାର ସବୁଠାରୁ ହାଇପ୍ରୋଫାଇଲ୍ ନିର୍ବାଚନମଣ୍ଡଳୀ ହେଉଛି କଣ୍ଟାବାଞ୍ଜି। ସେଠାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ଓ ବିଜେପି ଦିନ ରାତି ଏକ କରିଦେଇଛନ୍ତି। ଗାଁରୁ ଗାଁ ଓ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ହେଲେ ବିଜେଡି ପ୍ରାର୍ଥୀ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦେଖା ମିଳୁନି। ୭ ଦିନ ତଳେ ନାମାଙ୍କନ ଦାଖଲ କରି ଆସିଛନ୍ତି। ତା'ପରଠାରୁ କଣ୍ଟାବାଞ୍ଜିରେ ତାଙ୍କର ଦେଖାମିଳୁନି। ଏପରିକି ତାଙ୍କ କର୍ମୀମାନେ ପ୍ରଚାର କରୁନଥିବା ଜଣାପଡିଛି ।ଦାଦନ ପ୍ରବଣ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମଇ ୨ ତାରିଖରେ ସେ ଟିଟିଲାଗଡ ଉପ-ଜିଲ୍ଲାପାଳଙ୍କ ଅଫିସରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ କରିବାକୁ ସପ୍ତାହେ ବିତି ଗଲାଣି। ହେଲେ କଣ୍ଟାବାଂଜିରେ ପ୍ରଚାର ଆରମ୍ଭ କରିନାହାନ୍ତି ମୁଖ୍ୟମନ୍ତ୍ରୀ।

## ଓଡ଼ିଶାର ଭାଗବତ ପ୍ରଧାନ, ବିନୋଦ ମହାରଣା ଗ୍ରହଣ କଲେ ପଦ୍ମଶ୍ରୀ

ନୂଆଦିଲ୍ଲୀ,୯।୫(ପି.ଏନ): ଲୋକକଳା 'ଶବ୍ଦ ନୃତ୍ୟ'ର ବିଶିଷ୍ଟ କଳାକାର ଭାଗବତ ପ୍ରଧାନ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି । ଗୁରୁବାର ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ବରଗଡ଼ ଜିଲ୍ଲାର ୮୫ ବର୍ଷୀୟ ଭାଗବତ ପ୍ରଧାନ ଦୀର୍ଘ ୫ ଦଶନ୍ଧି ଧରି ଏହି କଳାର ପ୍ରଦର୍ଶନ କରିବା ସହ ପ୍ରଚାର ଓ ପ୍ରସାର ପାଇଁ ନିଜକୁ ସମର୍ପି ଦେଇଛନ୍ତି। ନିଜ ଜୀବନକାଳ ମଧ୍ୟରେ ସେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଶିଷ୍ୟଙ୍କୁ ଏହି କଳା ଶିଖାଇଛନ୍ତି। ସେହିପରି ଖୋର୍ଦ୍ଧାର ପଟ୍ଟଚିତ୍ର କଳାକାର ବିନୋଦ ମହାରଣା ମଧ୍ୟ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି ।

## ୧୨୦ ମହିଳାଙ୍କ ଦୁଷ୍କର୍ମକାରୀ ଜଲେବୀ ବାବା ଜେଲରେ ଆଖି ବୁଜିଲା

ଭୁବନେଶ୍ୱର,୯।୫(ପି.ଏନ): ହରିଆଣାର ହିସାର ଜେଲରେ ଦୁଷ୍କର୍ମ ମାମଲାରେ ୧୪ ବର୍ଷର ଜେଲଦଣ୍ଡ ଭୋଗୁଥିବା ଜଲେବୀ ବାବା ଓରଫ ବାବା ବିଲ୍ଲୁ ରାମର ମୃତ୍ୟୁ ହୋଇଛି। ସେ ହିସାରର ସେଣ୍ଟ୍ରାଲ ଜେଲ-୨ରେ ରହୁଥିଲା। ସେ ଜେଲ ଭିତରେ ଥିବା ବେଳେ ହୃଦଘାତରେ ଶିକାର ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଛି।

## ୬ ମାଓବାଦୀଙ୍କ ଆତ୍ମସମର୍ପଣ: ୨ ଜଣଙ୍କ ନାମରେ ୧୬ ଲକ୍ଷ, ୪ ଜଣଙ୍କ ନାଁରେ ୨୦ ଲକ୍ଷ ଥିଲା ପୁରସ୍କାର



ମାଲକାନଗିରି,୯।୫(ପି.ଏନ): ସୀମାନ୍ତ ଛତିଶଗଡର ସୁକମା ପୁଲିସ ନିକଟରେ ୬ ଜଣ ଦୁର୍ଦ୍ଦାନ୍ତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁଲିସ ମହାନିର୍ଦ୍ଦେଶକ ସୁନ୍ଦରରାଜ ପି, ସହ ମହାନିର୍ଦ୍ଦେଶକ କମଳଲୋଚନ କଶ୍ୟପ ଓ ସୁନୀତ କୁମାର ରାୟ, ଏସପି କିରଣ ଚୌହାନ ସହ ସିଆରପିଏଫ କମାଣ୍ଡାଣ୍ଟ ପ୍ରମୁଖଙ୍କ ସମ୍ମୁଖରେ ଏହି ୬ ମାଓବାଦୀ ଆତ୍ମସମର୍ପଣ କରିଥିଲେ ।ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଦୁବି ପୋଜ୍ଜା(୨୭)। ଦୁବି ନାମରେ ସରକାର ୮ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରିଥିଲେ। ଦୁଧି ପୋଜ୍ଜା(୨୪)। ଦୁଧି ନାମରେ ମଧ୍ୟ ସରକାର ୮ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ। ଜୟକ୍କା ଅରଫ ଆୟତେ କୋରସେ(୫୧), କାବାସୀ ମୁଡା(୩୦), କାରମ ନାରାନ୍ନା((୬୫) ଏବଂ ରେନୁ ଅରଫ ମାଡକାମ ସୁକ୍କା(୩୫)। ଏହି ଚାରି ଜଣଙ୍କ ନାମରେ ସରକାର ୫ ଲକ୍ଷ ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ ।ଏହି ନକ୍ସଲମାନେ ଦୀର୍ଘ ବର୍ଷ ଧରି ମାଓ ସଂଗଠନରେ କାମ କରୁଥିଲେ। ପିଏଲଜିଏ ସଦସ୍ୟ ଭାବେ ବେଶ ଦବଦବା ଏମାନଙ୍କର ଥିଲା। ଏମାନଙ୍କ ମଧ୍ୟରୁ ୨ ଜଣ ମହିଳା ନକ୍ସଲ ରହିଛନ୍ତି। ସରକାରଙ୍କ ତରଫରୁ ଆରମ୍ଭ ହୋଇଥିବା ଘରକୁ ଫେରିଆସ ଯୋଜନାରେ ଏମାନେ ପ୍ରଭାବିତ ହୋଇ ସଂଗଠନ ଛାଡିଥିବା କହିଥିଲେ। ପୁଲିସ ପ୍ରଶାସନ ତରଫରୁ ସମସ୍ତଙ୍କୁ ୨୫ ହଜାର ଟଂକା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆଗାମୀ ଦିନରେ ଆତ୍ମନିର୍ଭରଶୀଳ ପାଇଁ ସମସ୍ତ ସହଯୋଗ କରାଯିବ ବୋଲି ପୁଲିସ କହିଛି। ଏମାନଙ୍କ ଆତ୍ମସମର୍ପଣ ପରେ ନକ୍ସଲ ସଂଗଠନକୁ ଏକ ବଡ ଝଟକା ଲାଗିଛି। ଛତିଶଗଡରେ ସଂଗଠନ ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଛି। ପୁଲିସର ଘନ ଘନ ଚଢ଼ାଉ ଏଥିପାଇଁ ଦାୟୀ ବୋଲି କୁହାଯାଇଛି।

## ପ୍ରଥମରୁ ଅଷ୍ଟମରୁ ଶ୍ରେଣୀ ପିଲାଙ୍କ ଗଣିତ ପାଠ ସହଜ ପାଇଁ ବିକଶିତ ହେଲା 'ବିବି ଆପ୍'

ଭୁବନେଶ୍ୱର,(୯।୫(ପି.ଏନ): ରାଜ୍ୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବା ପାଇଁ ରାଜ୍ୟ ସରକାର ନିରନ୍ତର ଭାବେ ପ୍ରୟାସ ଜାରି ରଖିଛନ୍ତି । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ନୂଆ ଯୋଜନା ପ୍ରଣୟନ କରିବା ସହିତ ନୂଆ ବ୍ୟବସ୍ଥା ମଧ୍ୟ ଲାଗୁ କରୁଛନ୍ତି । ତେବେ ଛାତ୍ରଛାତ୍ରୀଙ୍କର ଗଣିତ ପାଠକୁ ସହଜସାଧ କରିବା ପାଇଁ ରାଜ୍ୟ ସରକାର ଏକ ବଡ ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥିପାଇଁ ଏକ ଆପ୍ ପ୍ରସ୍ତୁତ କରାଯାଇଥିବା ବେଳେ ଉକ୍ତ ଆପରେ ଥିବା ଗେମ୍ ମାଧ୍ୟମରେ ପିଲାମାନେ ସହଜରେ ଗଣିତ ପାଠ ବୁଝି ପାରିବେ ।ସାଧାରଣ ଭାବେ ଅନେକ ଛାତ୍ରଛାତ୍ରୀଙ୍କ ପକ୍ଷେ ଗଣିତ ପାଠ ବୁଝିବା ଏତେ ସହଜ ହୋଇନଥାଏ । ତେଣୁ ସବୁ ପିଲାଙ୍କୁ ଗଣିତ ବିଷୟରେ ଦକ୍ଷ କରିବା ପାଇଁ ଏକ ବଡ ପଦକ୍ଷେପ ଗ୍ରହଣ କରାଯାଇଛି ।

## ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ, ୮ ମୃତ



ଭୁବନେଶ୍ୱର,୯।୫(ପି.ଏନ):ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ। ଚାଲିଗଲା ୮ ଜଣଙ୍କ ଜୀବନ। ଗୁରୁବାର ତାମିଲନାଡୁର ଶିବକାଶୀ ଅଞ୍ଚଳରେ ଘଟିଛି ଏଭଳି କିଛି ଘଟଣା।ପୁଲିସ ସୂଚନା ମୁତାବକ, ବାଣ କାରଖାନାରେ ବିସ୍ଫୋରଣ ଯୋଗୁ ୮ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେହିପରି ୧୨ ଜଣ ଗୁରୁତର ଅଛନ୍ତି। ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସମସ୍ତ ମୃତକ ଏହି ବାଣ କାରଖାନାରେ କାମ କରୁଥିଲେ। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୯ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ମାଲକାନଗିରିରେ ଆସାମ ମୁଖ୍ୟମନ୍ତ୍ରୀ, ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭାରେ ଯୋଗଦେବେ



ଭୁବନେଶ୍ୱର,୯।୫(ପି.ଏନ): ମାଲକାନଗିରିରେ ଆଜି ପହଞ୍ଚିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ । ଏକ ସ୍ୱତନ୍ତ୍ର ବିମାନରେ ମାଲକାନଗିରିରେ ପହଞ୍ଚିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା । ପ୍ରଥମେ ସେ ଏମପିଭି ୮୨ରେ ଏକ ନିର୍ବାଚନୀ ସଭାରେ ଯୋଗ ଦେବେ । ମାଥିଲିରେ ମଧ୍ୟ ସଭାରେ ଯୋଗ ଦେବେ । ମାଲକାନଗିରି ଗସ୍ତ ସାରି ସେ ଆସିକା ଯିବେ । ଖଲ୍ଲିକୋଟରେ ମଧ୍ୟ ଦଳ ପାଇଁ ପ୍ରଚାର କରିବେ ହିମନ୍ତ ବିଶ୍ୱଶର୍ମା ।

## କାର ଭିତରୁ ଉଦ୍ଧାର ହେଲା ମାଆ-ବାପା ଏବଂ ଝିଅର ମୃତଦେହ, ସମସ୍ତଙ୍କ ମୁଣ୍ଡରେ ବାଜିଛି ଗୁଳି

ଝାରସୁଗୁଡା,୯।୫(ପି.ଏନ): ସକାଳୁ ସକାଳୁ ଏକ ଦୁଃଖଦ ଘଟଣାରେ ଝାରସୁଗୁଡାରେ ଦେଖିବାକୁ ମିଳିଛି । ଏଠାରେ ଏଥିବା ଏକ ଖେଳ ପଡିଆରୁ ବାପା, ମାଆ ଏବଂ ଝିଅର ମୃତଦେହ ଠାବ କରାଯାଇଛି । ଏହା ଝାରସୁଗୁଡାର ଲଖନପୁର ବାଣୀପାହାଡ ନିକଟରେ ଥିବା ଖେଳ ପଡିଆରୁ ୩ ମୃତଦେହକୁ ଠାବ କରାଯାଇଛି। ସୂଚନା ଅନୁଯାୟୀ, ଖେଳ ପଡିଆରେ ଠାବ ହୋଇଥିବା ୩ ମୃତକ ବଜରାଜନଗର ଓରିଏଣ୍ଟେଡ ତାନା କାଳୀନଗର ଅଞ୍ଚଳର ବୋଲି ଜଣାପଡିଛି । ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ । ଘଟଣାସ୍ଥଳରେ ପୋଲିସ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଛି ।ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଏହି ୩ଜଣଙ୍କ ମୁଣ୍ଡରେ ଗୁଳି ବାଜିଛି । ବାପା ମାଆ ଓ ୧୨ ବର୍ଷୀୟ ଝିଅର ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରାଯାଇଛି । ଲଖନପୁର ବଣିପାହାଡ ନିକଟ ପଡିଆରେ କାର ଭିତରୁ ଏହି ଉଦ୍ଧାର କରାଯାଇଛି । ମୃତକ ବ୍ରଜରାଜନଗର ଓରିଏଣ୍ଟ ଥାନା କାଳିନଗର ଅଞ୍ଚଳର ବୋଲି ଜଣାପଡିଛି । ସମସ୍ତଙ୍କ ମୁଣ୍ଡରେ ଗୁଳି ବାଜିଛି । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଯାଇ ପହଁଚିଛନ୍ତି । ସନ୍ଦେହ କରାଯାଉଛି ଯେ, ସ୍ତ୍ରୀ ଓ ଝିଅକୁ ଗୁଳି କରିବା ପରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି ।

## ନାମାଙ୍କନ ଦାଖଲ କଲେ ଅରିନ୍ଦମ ରାୟ, ନାମାଙ୍କନ ଦାଖଲ ପୂର୍ବରୁ କଟକର ଚଣ୍ଡୀମନ୍ଦିର ଯାଇ ନେଇଥିଲେ ମା'ଙ୍କ ଆଶୀର୍ବାଦ

କଟକ,୯।୫(ପି.ଏନ): ଅଭିନେତାରୁ ରାଜନେତା ପାଲଟିଥିବା ଓଲିଉଡ଼ ଅଭିନେତା ତଥା ସାଲେପୁରର ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଗୁରୁବାର ଏକ ବିରାଟ ଶୋଭାଯାତ୍ରା କରି କଟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅରିନ୍ଦମ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତେବେ ନାମାଙ୍କନ ଦାଖଲ ପୂର୍ବରୁ ସେ କଟକର ଚଣ୍ଡୀମନ୍ଦିର ଯାଇ ମା'ଙ୍କ ଆଶୀର୍ବାଦ ନେଇଥିଲେ ।ସୂଚନାଯୋଗ୍ୟ, ବିଜେପି ସାଲେପୁର ବିଧାୟକ ଭାବେ ଅରିନ୍ଦମଙ୍କୁ ପ୍ରାର୍ଥୀ କରିବା ପରେ ସେ କହିଥିଲେ, ଜନସାଧାରଣଙ୍କ ପାଇଁ କାମ କରିବାକୁ ମୋତେ କୁହାଯାଇଛି । ନିଶ୍ଚିତ ଭାବେ ମୁଁ କାମ କରିବି । ପ୍ରତ୍ୟେକ ଲୋକଙ୍କୁ ଚିହ୍ନିବି । ଯେଉଁ ସମୟରେ ଖୋଜିବେ ଲୋକଙ୍କ ପାଖରେ ନିଶ୍ଚିତ ପାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅରିନ୍ଦମ । ପ୍ରଥମେ ଲୋକମାନଙ୍କୁ ଭେଟି ତାଙ୍କ କଥା ଶୁଣିବି, ତାପରେ ଆଗାମୀ ଦିନରେ କ'ଣ କାମ କରିବି ତାହା ନିଷ୍ପତ୍ତି ନେବି । ସାଲେପୁରବାସୀ ବିଜେଡି ଗଡ଼କୁ ଭାଙ୍ଗିବେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।



# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

# ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ ।



ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।




# କିର୍ତ୍ତେଶ୍ୱରୀ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ, ପଶ୍ଚିମବଙ୍ଗ



ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ "କିରୀଟ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

**କିପରି ସୃଷ୍ଟି ହେଲା ଏହି ଶକ୍ତିପୀଠ:** ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର



ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମରଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପ-ମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ଶକ୍ତିପୀଠଗୁଡ଼ିକ ମଧ୍ୟରେ "କିରୀଟ (କିର୍ତ୍ତେଶ୍ୱରୀ) ବିମଳା ଭୁବନେଶ୍ୱରୀ ଶକ୍ତିପୀଠ"ଅନ୍ୟତମ। ଏହା ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଗତ ମୁର୍ଷିଦାବାଦ ଜିଲ୍ଲାର କିରୀଟକୋଣ ଗ୍ରାମରେ ଅବସ୍ଥିତ। ଏଠାରେ ମାତା ସତୀଙ୍କର ମୁକୁଟ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'ଭୁବନେଶ୍ୱରୀ' ଓ ଭଗବାନ ଶିବଙ୍କୁ 'ସଂବର୍ତ୍ତ'ରୂପରେ ପୂଜା କରା ଯାଇଥାଏଏ।

ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।




**କେମିତି ଯିବେ:-** ହାଓଡ଼ା ରେଳ ଷ୍ଟେଷନ୍ ଠାରୁ ୨.୫ କିମି ଯିବା ପରେ ଲାଲବାଗ୍ କୋଟ ଷ୍ଟେଷନ ପଡ଼ିବ ଓ ସେଠାରୁ ୫ କିଲୋମିଟର ଦୂରରେ ହିଁ "କିରୀଟ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ" ଅବସ୍ଥିତ। ଏହି ଶକ୍ତିପୀଠ କୋଲକତା ମହାନଗରୀ ଭିତରେ ହିଁ ଅବସ୍ଥିତ।



# ବିପର୍ଯ୍ୟୟ ମୁହାଁ ପୃଥିବୀ

୧୨୨ ବର୍ଷ ପରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଗ୍ରୀଷ୍ମ ପ୍ରବାହ ରେକର୍ଡ ଭଙ୍ଗ କରିଥିବାବେଳେ ଏପ୍ରିଲ ମାସରେ ଅସହ୍ୟ ହୋଇପଡିଥିଲା। ଆମ ରାଜ୍ୟରେ ୨୨ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିବାବେଳେ ୯ଟି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଟପିଛି। କେବଳ ଏତିକି ନୁହେଁ, ଆଗକୁ ରୌଦ୍ରତାପ ଆହୁରି ଦୁଇରୁ ତିନି ଡିଗ୍ରୀ ବଢିବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଦେଇଥିଲା। ତେବେ ଏହି ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ବିଶ୍ୱ ଜଳବାୟୁ ପରିବର୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ ବୋଲି କୁହାଯାଏ। ତେବେ ବିଶ୍ୱ ଜଳବାୟୁ ପରିବର୍ତନ ନେଇ ସଦ୍ୟ ପ୍ରକାଶିତ ଜାତିସଂଘ ରିପୋର୍ଟରେ ଯାହା କୁହାଯାଇଛି, ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ। ଜଳବାୟୁ ପରିବର୍ତନ ପ୍ରଭାବରେ ଗ୍ରୀଷ୍ମପ୍ରବାହ ବଢିବା ସହ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ୨୦୩୦ ସୁଦ୍ଧା ବର୍ଷକୁ ଅତି କମରେ ୫୬୦ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିବ। ଏହାଦ୍ୱାରା ମାନବ ସମାଜର ଉଭୟ ଜୀବନ-ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ। ଉଲ୍ଲେଖଯୋଗ୍ୟ ୨୦୧୫ ମସିହାରେ ବିଶ୍ୱ ସର୍ବାଧିକ ୪୦୦ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ୧୯୭୦ରୁ ୨୦୦୦ ମସିହା ମଧ୍ୟରେ ବିଶ୍ୱରେ ପ୍ରତିବର୍ଷ ୯୦ରୁ ୧୦୦ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିଥିଲା। ଜଳବାୟୁ ପରିବର୍ତନ ଦ୍ୱାରା ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅନାବୃଷ୍ଟି, ଅତିବୃଷ୍ଟି, ସାମୁଦ୍ରିକ ଝଡ ବାତ୍ୟା ସଂଖ୍ୟା ମଧ୍ୟ ପ୍ରତିବର୍ଷ ବଢିବାରେ ଲାଗିଛି। ଏ ନେଇ ଆମ ରାଜ୍ୟ ଗତ ଦୁଇ ଦଶନ୍ଧି ମଧ୍ୟରେ ସମ୍ମୁଖୀନ ହୋଇଥିବା ସାମୁଦ୍ରିକ ଝଡ ବାତ୍ୟାର ଉଦାହରଣ ଦେଲେ ଯଥେଷ୍ଟ ହେବ। କହିବା ବାହୁଲ୍ୟ ଯେ, ୧୯୯୯ ମସିହାରେ ଓଡିଶା ମହାବାତ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏହାର ୧୨ବର୍ଷ ପରେ ଅର୍ଥାତ ୨୦୧୨ରେ ଫାଇଲିନ ପରି ବାତ୍ୟାରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେହିବର୍ଷଠାରୁ ପ୍ରତିବର୍ଷ ରାଜ୍ୟରେ ସାମୁଦ୍ରିକ ଝଡ ବିପର୍ଯ୍ୟୟର କାରଣ ହୋଇଥିବାବେଳେ ଏବେ ୨୦୧୮ ମସିହାରୁ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ମଧ୍ୟ ସାମୁଦ୍ରିକ ବାତ୍ୟା ଦ୍ୱାରା ରାଜ୍ୟର ଉପକୂଳ ଅଂଚଳ କ୍ଷତିଗ୍ରସ୍ତ ହେଉଛି। କେବଳ ଆମ ରାଜ୍ୟ ନୁହେଁ, ପଶ୍ଚିମ ଉପକୂଳ ଅଂଚଳରେ ମଧ୍ୟ ବର୍ଷା ଓ ଗ୍ରୀଷ୍ମଋତୁରେ ସାମୁଦ୍ରିକ ଝଡବାତ୍ୟା ସଂଘଟିତ ହେଉଛି। ସେହିପରି ବିଶ୍ୱର ସମସ୍ତ ମହାଦେଶ ଏବଂ ସମୁଦ୍ର କୂଳରେ ଅବସ୍ଥିତ ଦେଶଗୁଡିକରେ ପ୍ରତିବର୍ଷ ଝଡବାତ୍ୟା ସୃଷ୍ଟି ହେଉଛି। ଯାହାର ସଂଖ୍ୟା ବର୍ଷକୁ ବର୍ଷ ବଢିଚାଲିଛି। ସେହିପରି ଗ୍ରୀଷ୍ମପ୍ରବାହ ଯୋଗୁଁ ୧୯୯୮ର ଅଂଶୁଘାତ ମୃତ୍ୟୁ ଏ ପର୍ଯ୍ୟନ୍ତ ମନରୁ ଲିଭିନାହିଁ। ସେହିପରି ଜଳବାୟୁ ପରିବର୍ତନ ଯୋଗୁଁ ଗ୍ରୀଷ୍ମପ୍ରବାହ ମଧ୍ୟ କିଛି କମ୍ ନୁହେଁ। ଅଷ୍ଟ୍ରେଲିଆ, ୟୁରୋପ ମହାଦେଶରେ ଅଭୂତପୂର୍ବ ଗ୍ରୀଷ୍ମ ପ୍ରବାହ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଅନ୍ୟପକ୍ଷରେ ଜଳବାୟୁ ପରିବର୍ତନ ଯୋଗୁଁ ଦୁଇ ମେରୁରେ ବରଫ ତରଳିବା ସହ ସମୁଦ୍ର ଜଳ ପତନ ବଢିବାରେ ଲାଗିଛି। ଗତ କିଛିବର୍ଷ ମଧ୍ୟରେ ସମୁଦ୍ର ଜଳପତନ ବୃଦ୍ଧି ପାଉଥିବାବେଳେ ଆଗକୁ ଆହୁରି ବଢିବ ବୋଲି ପାଣିପାଗ ବିଶାରଦମାନେ ଚେତାବନୀ ଦେଇଛନ୍ତି। ଆହୁରି ମଧ୍ୟ ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ଭାରତ ସମେତ ବିଶ୍ୱର ବହୁ ଉପକୂଳ ଅଂଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇ ସାରିଲେଣି। ଅନ୍ୟପକ୍ଷରେ ସମୁଦ୍ରରେ ଏବେ ଉଚ୍ଚ ଢେଉ ସୃଷ୍ଟି ହେବା କୂଳ ଲଂଘନ କରୁଥିବା ମଧ୍ୟ ଦେଖାଯାଏ। ଅନ୍ୟପକ୍ଷରେ ବିଶ୍ୱ ଜଳବାୟୁ ପରିବର୍ତନ ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଯେଉଁ ଯେଉଁ ଚିନ୍ତାଜନକ ପରିସ୍ଥିତି ଉପୁଜିଛି, ତାହା ହେଉଛି ହିମାଳୟରେ ବରଫ ତରଳିବା। କୁହାଯାଇଛି ଯେ, ହିମାଳୟରେ ବରଫ ତରଳିବା ଯୋଗୁଁ ୪୦ ପ୍ରତିଶତ କ୍ଷୟ ଘଟି ସାରିଲାଣି। ଦୁଇବର୍ଷ ତଳେ ହିମାଳୟରେ ବରଫ ଖଣ୍ଡ ତରଳି ଅଚାନକ ବନ୍ୟା ପରିସ୍ଥିତି ଉପୁଜିଥିଲା, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟିଥିଲା। ଆହୁରି ମଧ୍ୟ ବରଫ ଖଣ୍ଡ (ଗ୍ଲେସିୟର) ତରଳି ପେଙ୍ଗାଙ୍ଗ ହ୍ରଦ ପାଣିରେ ଲଦାଖ ଭୂଖଣ୍ଡ ଦିନେ ପାଣିରେ ବୁଡିବ ବୋଲି ପାଣିପାଗ ବିଶେଷଜ୍ଞମାନେ ସତର୍କ କରାଇ ସାରିଲେଣି। ଏବେ ବରଫ ଖଣ୍ଡ ତରଳିବା ଯୋଗୁଁ ପ୍ରତିବର୍ଷ ପେଙ୍ଗାଙ୍ଗ ହ୍ରଦର ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ଗବେଷକମାନଙ୍କ ରିପୋର୍ଟ ଅନୁଯାୟୀ ୧୯୯୦ରୁ ୨୦୨୦ ମସିହା ମଧ୍ୟରେ ୬.୭ ପ୍ରତିଶତ ଗ୍ଲେସିୟର ତରଳିଛି। ପ୍ରତିବର୍ଷ ୦.୨୩ ପ୍ରତିଶିତ ଗ୍ଲେସିୟର ତରଳୁଛି। ଜଳବାୟୁରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଇବା ଯୋଗୁଁ ବାୟୁମଣ୍ଡଳ ଉତପ୍ତ ହେବା ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପବିକାଶ, ବନାଗ୍ନି, ଆଖିବୁଜା ଗଛକଟା, ଯାନବାହାନରୁ ନିର୍ଗତ ଧୂଆଁ ଯୋଗୁଁ ୧୭୫୦ ମସିହାଠାରୁ ବିଶ୍ୱରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଇଥିବାବେଳେ ୧୯୭୦ ମସିହା ପରଠାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୫୦ବର୍ଷ ମଧ୍ୟରେ ବିଶ୍ୱ ତାପମାତ୍ରା ଯେତିକି ବୃଦ୍ଧି ପାଇଛି, ଗତ ଦୁଇ ହଜାର ବର୍ଷ ମଧ୍ୟରେ ସେତିକି ବୃଦ୍ଧି ପାଇନଥିଲା। ବିଶ୍ୱ ଜଳବାୟୁରେ ଅସ୍ୱାଭାବିକ ପରିବର୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇନାହିଁ, ଏହାଦ୍ୱାରା ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା, ଶସ୍ୟହାନୀ, ଖାଦ୍ୟାଭାବ, ଜଳାଭାବ ଏବଂ କୋରୋନା ପରି ମହାମାରୀ ପରିସ୍ଥିତିର ସମ୍ମୁଖୀନ ହେବା ନିଶ୍ଚିତ ବୋଲି ଜାତିସଂଘ ରିପୋର୍ଟରେ ଉଲ୍ଲେଖ କରିଛି। ଏହା ସତ୍ୟ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢୁଛି, ପ୍ରକୃତିର କୋପ ସେତିକି ବଢୁଛି। ଏଥିପ୍ରତି ମାନବ ସମାଜ ବେହଲୁଁ ସଚେତନ ହେବା ଜରୁରୀ। ଅନ୍ୟଥା ପୁରାଣବର୍ଣ୍ଣିତ ଜଳପ୍ରଳୟ ଆଦି ବେଶୀ ଦୂର ନୁହେଁ।

# ଶିକ୍ଷିତ ବେକାରୀଙ୍କ କଥା

ଦିନ ଥିଲା ପାଠ ନପଢ଼ିଲେ କିଛି କାମ ତ' ମିଳିବା ଦୂରର କଥା ମୂର୍ଖ ବୋଲି ଗଣାଯାଉଥିଲା। ହେଲେ ଯୁଗ ସହିତ ଲୋକମାନଙ୍କର ଶିକ୍ଷାଦିକ୍ଷାର ଢ଼ଙ୍ଗରଙ୍ଗ ସବୁପ୍ରକାର ମଧ୍ୟ ବଦଳିଛି। ତେବେ ଆଜିକାଲି ଏକ ବିଚିତ୍ର ପରିସ୍ଥିତିକୁ ଆମ୍ଭେମାନେ ସାମ୍ନା କରୁଛେ। ତାହା ଯିଏ ଯେତେ ବେଶି ପାଠ ପଢ଼ିଛି ବା ଡିଗ୍ରୀ ପାଇବା ହୋଇଥାଉ ବରଂ ଥାକ ଥାକ ସାର୍ଟିଫିକେଟ କିନ୍ତୁ ତାର ପ୍ରତିଭା ତୁଳନାରେ ତାକୁ କାର୍ଯ୍ୟ ମିଳୁନାହିଁ। ସେ ହେଉଛି ସବୁଠାରୁ ବଡ଼ ବେକାର। ଅଭାବେ ସ୍ୱଭାବ ନଷ୍ଟପରି କେଉଁଠି ସର୍ବାଧିକ ଯୋଗ୍ୟ ପ୍ରତିଭାବାନ ଛାତ୍ରଟି କୁଲିଗିରି କରିବାକୁ ପଛାଉନାହିଁ ତ' କେଉଁଠି ଦଲାଲ ହାବୁଡରେ ପଡ଼ି ଦାଦନ ଯାଉଛି। ବେକାର ହୋଇ କୁସଙ୍ଗରେ ପଡ଼ି ନିଶାସେବନ କରି ଜରାଗ୍ରସ୍ତ ଏପରିକି ଜୀବନହାନିର ଘଟଣା ପ୍ରାୟତଃ ଗଣମାଧ୍ୟମରେ ଦେଖିବାକୁ ମିଳିଥାଏ। କେବଳ ଗ୍ରାମା ଳ ନୁହେଁ ସହରା ଳରେ ମଧ୍ୟ ସବୁଠି କାମର ଅଭାବ। ତେବେ ସବୁକ୍ଷେତ୍ରରେ ଯେ ଲା ଦେଲେ ଚାକିରୀ ମିଳିଥାଏ ତାହା ଭାବିବା ବି ଭୁଲ। ତେବେ ବିଚିତ୍ର ଭାବରେ ଦେଖାଯାଇଥାଏ ଅନେକ କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀମାନେ ଚାକିରୀ ପାଇପାରୁନଥିବା ସ୍ଥଳେ ଅଯୋଗ୍ୟମାନେ ଚାକିରୀ ପାଇଯାଉଛନ୍ତି। ଆଜିକାଲି ତଥାକଥିତ ଗଡ଼ଫାଦରଙ୍କ ଆଶୀର୍ବାଦ ଥିଲେ ସବୁକିଛି ସମ୍ଭବ। କିନ୍ତୁ ବାସ୍ତବ କଥା ହେଉଛି ପ୍ରତିଭାବାନମାନେ ଦେଶର ବା ରାଜ୍ୟର ଶାସନ ବ୍ୟବସ୍ଥାରେ ଜଡ଼ିତ ନହେଲେ ତାହା ପ୍ରଗତି ପାଇଁ ନିଶ୍ଚିତ ଭାବରେ ବାଧକ ହେବ। ତେବେ କେବଳ ପୁରୁଷ ନୁହଁନ୍ତି ବେଶି ମହିଳାମାନେ ମଧ୍ୟ ବେକାର ହେବାକୁ ବସିଲେଣି। ଦେଖାଯାଉଛି ଦେଖାଶିଖା ନ୍ୟାୟରେ ପାଖ ଘର ପିଲାଟି ଯଦି କଲେଜ ଯାଉଛି ତା'ହେଲେ ଆରପାଖ ଘରର ଝିଅଟି ତା'ଘରର ସ୍ଥିତିକୁ ନବୁଝି କଲେଜରେ ନାଁ ଲେଖାଇବା ପାଇଁ ଗୋଡ଼ କଚାଡୁଛି। ବିଚରା ବାପ ବାପୁଡ଼ାଟି ବା କ'ଣ କରିବ ? ସବୁ ଝିଅଙ୍କ ସ୍ଥିତି ବି ସମାନ ନୁହେଁ । ନିଜ ପ୍ରତିଭାରେ ନିଜ ପରିବାର, ଗାଁ ଓ ରାଜ୍ୟର ସୁନାମ ଆଣିଥିବା ଝିଅମାନଙ୍କର ତାଲିକା ବି ବେଶ୍ ଲମ୍ବା। ପରିସଂଖ୍ୟାନରୁ ଜଣାଯାଇଛି ଭାରତର ସହରା ଳରେ ଅଶିକ୍ଷିତ ବେକାରଙ୍କ ସଂଖ୍ୟା ୧.୦୩ ପ୍ରତିଶତ ଥିବାବେଳେ ଗ୍ରାମା ଳରେ ହେଉଛି ୧.୧ ପ୍ରତିଶତ। ସେହିପରି ମାଟ୍ରିକ ପର୍ଯ୍ୟନ୍ତ ପଢ଼ିଥିବା ସହରୀ ବେକାରୀଙ୍କ ସଂଖ୍ୟା ୪.୪ ପ୍ରତିଶତ ଓ ଗ୍ରାମୀଣ ବେକାରୀଙ୍କ ସଂଖ୍ୟା ୫.୪ ପ୍ରତିଶତ। ସେହିପରି ସହରା ଳର ଗ୍ରାଜୁଏଟ୍ ବେକାରଙ୍କ ସଂଖ୍ୟା ୮.୪ ପ୍ରତିଶତ ହୋଇଥିବା ବେଳେ ଗ୍ରାମା ଳ ଗ୍ରାଜୁଏଟ ବେକାରଙ୍କ ସଂଖ୍ୟା ୧୧ ପ୍ରତିଶତ। କେବଳ ସହରରେ ବେକାର ପୋଷ୍ଟଗ୍ରାଜୁଏଟ ୭.୭ ପ୍ରତିଶତ ଥିବାବେଳେ ଗ୍ରାମା ଳରେ ଏମାନଙ୍କ ସଂଖ୍ୟା ୧୩.୯ ପ୍ରତିଶତ। ପରିସଂଖ୍ୟାନର ତଥ୍ୟ ସୂଚୀତ କରୁଛି ଯେ ଯିଏ ସେତେ ଶିକ୍ଷିତ ସେଠାରେ ବେକାରୀ ହେବାର ବେଶି ଭୟ। ତେବେ ସବୁକ୍ଷେତ୍ରକୁ ଆମେ ଗୋଟିଏ ନିକିତରେ ତଉଲୁ ନାହୁଁ ଅନେକ ଅଶିକ୍ଷିତ ବା ବେଶୀ ପାଠସାଠ ନପଢ଼ି ବି ବେଶ ନିଜ ବିଦ୍ୟାବୁଦ୍ଧିରେ ରୋଜଗାରକ୍ଷମ ହୋଇ ବିଭିନ୍ନ ପ୍ରଶଂସନୀୟ ଉଦ୍ୟମରେ ନିଜକୁ ବ୍ରତୀ କରୁଛନ୍ତି। ତେବେ ବ ମାନର ପରିସ୍ଥିତି କିନ୍ତୁ ସମ୍ପୂର୍ଣ୍ଣରୂପେ ଭିନ୍ନ। ମୁଦ୍ରାସ୍ଫୀତିର ଭୟଙ୍କର ଦାବାନାଳ ଓ ଦରଦାମ୍‌ର ପରିସ୍ଥିତି ସହ ସରକାରଙ୍କ ଭି ଭୂମିର ବ୍ୟାପକ ଅଭାବ ଯୋଗୁଁ ବିଭିନ୍ନ କ୍ଷେତ୍ରରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବର୍ଷ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡୁଥିଲେ ବି କାମଚଳା ଭାବରେ ଜଣକୁ ଦଶ ଦଶଟା ଦାୟିତ୍ୱ ଧରାଇ ଦିଆଯାଉଛି। ଏହାର ପରିସ୍ଥିତି ଯାହା ହେବ। ଯୁବବର୍ଗଙ୍କ ଭିତରୁ ଅନେକ ଶିକ୍ଷିତ ବେକାର ହେବା ପଛରେ ବଡ଼ କାରଣ ହେଉଛି ହୀନମନ୍ୟତା। କୌଣସି କାମ ଛୋଟ ବା ବଡ଼ ନୁହେଁ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବାଣୀକୁ କ'ଣ କେହି କେବେ ଭାବୁଛନ୍ତି ? ଯେଉଁ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ଯୁବପିଢ଼ୀ ନିଜେ କିଛି ନିଜ ପାଇଁ ପଛକୁ ଭାବି ରାଷ୍ଟ୍ରର ପାଇଁ ନିଜର ଦାୟିତ୍ୱ ଚିନ୍ତା ନକରିଛି ସେ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ପ୍ରଗତି କେତେଦୂର ବା ସମ୍ଭବ ହୋଇପାରିବ ? ଶିକ୍ଷା କେବଳ ଚାକିରୀ ପାଇଁ ଉଦ୍ଦିଷ୍ଟ ବୋଲି ଯେତେଦିନ ପର୍ଯ୍ୟନ୍ତ ଧରାଯାଉଥିବ ଏ ସମସ୍ୟା ବଢ଼ିବ ବରଂ କିନ୍ତୁ ସମାଧାନର ରାସ୍ତା ବାହାରିପାରିବ ନାହିଁ। ଶିକ୍ଷା ସମାଜ ଓ ସଂସ୍କାରର ବିଭିନ୍ନ ଅଜଣା କଥାକୁ ଜାଣିବା ପାଇଁ ଆବଶ୍ୟକ କେବଳ ଚାକିରୀ ପାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତେଣୁ ଭାରତବର୍ଷର ଯୁବକଯୁବତୀମାନେ ନିଜ ପ୍ରତିଭାକୁ ନେଇ ଚାକିରୀ ପଛରେ ନଗୋଡ଼େଇ ବରଂ ସ୍ୱାବଲମ୍ବୀ ରାସ୍ତାରେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ଯତ୍ନବାନ ହେବା ଉଚିତ। ନିଜ ପାଠ୍ୟ ମୁତାବକ କର୍ମସଂସ୍ଥାନ ନମିଳିଲେ ହତୋତ୍ସାହିତ ନହୋଇ ରୋଜଗାରର ଅନ୍ୟ ପନ୍ଥା ଧରିବା ଆବଶ୍ୟକ। ଅଶିକ୍ଷିତ ବେକାର ରହିବା ପଛରେ ବଡ଼ ଗୂଢ଼ କାରଣ ହେଉଛି ଯେ ସେମାନେ କୌଣସି କାର୍ଯ୍ୟକୁ ଛୋଟ ବୋଲି ଭାବିନଥାନ୍ତି। ବ୍ରିଟେନ୍ ଓ ଆମେରିକା ଭଳି ପ୍ରଗତିଶୀଳ ରାଷ୍ଟ୍ରରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ଆମ ଦେଶଠାରୁ କମ୍। ସେଠାରେ ଯେ କର୍ମସଂସ୍ଥାନ ବହୁତ ରହିଛି ତା ନୁହେଁ କିନ୍ତୁ ସେମାନେ କୌଣସି କାମକୁ ଛୋଟ ବା ବଡ଼ ଦୃଷ୍ଟିରେ ନଦେଖି ନିଜ କାମ ନିଜେ କରିବାକୁ ପସନ୍ଦ କରିଥାନ୍ତି। ଭାରତବର୍ଷର ମହାନ ସଂସ୍କୃତି ଭାଇଚାରର ସଂସ୍କୃତି। ସମଗ୍ର ବସୁଧା ହେଉଛି ଆମର ମାତା। ତେଣୁ ଲମ୍ବା ଜୀବନର ରାସ୍ତାକୁ ଅତିକ୍ରମ କରି ନିଜ ପରିବାର, ସମାଜର ଓ ରାଷ୍ଟ୍ରର ଦାୟିତ୍ୱ ନିର୍ବାହ ପୂର୍ବରୁ ନିଜକୁ ନିଜ ବିବେକକୁ ପ୍ରଶ୍ନ କରିବା ଉଚିତ ଯେ, ନିଜ ପାଇଁ କିଛି ଛୋଟ ବା ବଡ଼ ନୁହେଁ। ଶିକ୍ଷିତ ହୋଇ ବେକାର ହେବା ଅପେକ୍ଷା ନିଜ ପାରିପାର୍ଶ୍ୱିକ ଓ ପାରିବାରିକ ତଥା ସବୁ ଦିଗର ସ୍ଥିତିକୁ ଦେଖି ସ୍ୱାବଲମ୍ବୀର ଜୀବନ ବିତାଇବା ବରଂ ମର୍ଯ୍ୟାଦାର ପ୍ରସଙ୍ଗ। ତେବେ ଅଧବସାୟ, ଦୈବୀ ଆଶୀର୍ବାଦ ଓ ପିତାମାତାଙ୍କ କୃପା ଥିଲେ ବଣରେ ଫୁଟୁଥିବା ଫୁଲଟିର ମହକ ନିଶ୍ଚିତ ଭାବରେ ସମାଜକୁ ସୁରଭିତ କରିପାରିବ।

# ରାଜ୍ୟର ସମସ୍ତ ଖାଲି ପଡିଥିବା ପଦବୀ ପୁରଣ ଓ ଆଉଟସୋର୍ସ ଶ୍ରମିକ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ସି.ପି.ଆଇ.(ଏମ୍)ର ଦାବୀ

ଭୂବନେଶ୍ୱର (ପିଏନ୍): ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏଠାରେ ଏକ ବିବୃତ୍ତିରେ କହିଛନ୍ତି ଯେ ଗତକାଲି ଓଡିଶା ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ୫୭୦୦୦ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ କରିବା ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ୨୦୧୩ରୁ ପ୍ରଚଳିତ ଏହି କର୍ମଚାରୀ ବିରୋଧି ପଦକ୍ଷେପ ନାକଚ କରିବା ସଙ୍ଗେ ସଙ୍ଗେ ରାଜ୍ୟର ବିଭିନ୍ନ ବିଭାଗ ସହ ବିଦ୍ୟୁତ କ୍ଷେତ୍ର ପରି ସରକାରୀରୁ ବେସରକାରୀ ହୋଇଥିବା ସଂସ୍ଥା ମାନଙ୍କରେ କାର୍ଯ୍ୟରତ ୨ ଲକ୍ଷରୁ ଉର୍ଦ୍ଧ୍ୱ ଆଉଟ ସୋର୍ସ ଶ୍ରମିକ ଓ କର୍ମଚାରୀ ସ୍ୱଳ୍ପ ଦରମା ସହ ବର୍ଷ ବର୍ଷ ଧରି ଅନିଶ୍ଚିତତା ମଧ୍ୟରେ ରହିଛନ୍ତି । ଯଦିଓ ଏହି ଶ୍ରମିକ ଓ କର୍ମଚାରୀ ସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟକୁ ତୁଲାଉଛନ୍ତି, କିନ୍ତ ସେମାନଙ୍କ ଚାକିରୀରେ କୌଣସି ନିରାପତ୍ତା ନାହିଁ । ଏଥିସହ ଗତକାଲିର ଘୋଷଣା କେବଳ ୨୦୧୩ ମସିହାରୁ ପ୍ରଣୀତ ଚୁକ୍ତିଭିତ୍ତିକ ନିଯୁକ୍ତି ରୁଲ ଦ୍ୱରା କର୍ମଚାରୀମାନଙ୍କ ପ୍ରତି ପ୍ରଯୁଜ୍ୟ । ଏମାନଙ୍କୁ ବାଦ ଦେଲେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଜଳସେଚନ ଆଦି ସମସ୍ତ ବିଭାଗରେ ଏବଂ ବିଭିନ୍ନ ସ୍ଥାୟୀ ପ୍ରକଳ୍ପ ଗୁଡିକରେ ରହିଥିବା ଆହୁରି ଲକ୍ଷାଧିକ କର୍ମଚାରୀ ଏହାଦ୍ୱାରା ଉପକୃତ ହେବେ ନାହିଁ ।

୨୦୧୩ ରୁଲ୍ ଅନୁଯାୟୀ ଛ'ବର୍ଷ ପରେ ରେଗୁଲାର ହେବା ବ୍ୟବସ୍ଥା ଥିଲେ ସୁଦ୍ଧା ୨୦୨୨ ପର୍ଯ୍ୟନ୍ତ ବହୁ କର୍ମଚାରୀ ସ୍ଥାୟୀ ନିଯୁକ୍ତିରୁ ବଞ୍ଚିତ କରି ରଖା ଯାଇଥିଲା । ବିଭିନ୍ନ ବିଭାଗର ବହୁ କର୍ମଚାରୀ ହାଇକୋର୍ଟରେ ସ୍ଥାୟୀ ନିଯୁକ୍ତି ପାଇଁ ମକଦ୍ଦମା କରି ସପକ୍ଷରେ ରାୟ ପାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ କରାଯାଉନଥିଲା । ଏହା ଦ୍ୱାରା ସମସ୍ତ ଅସ୍ଥାୟୀ କର୍ମଚାରୀ ଉପକୃତ ହେବେ ନାହିଁ ।

ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ବିତରଣ ବ୍ୟବସ୍ଥା ଟାଟା କମ୍ପାନୀ ହାତରେ ସମର୍ପି ଦେବା ବେଳେ ୨ ଲକ୍ଷ ପର୍ଯ୍ୟନ୍ତ ଆଉଟସୋର୍ସ ଶ୍ରମିକ ଓ କର୍ମଚାରୀ ବିଦ୍ୟୁତ୍ କ୍ଷେତ୍ରରେ ବର୍ଷ ବର୍ଷ ଧରି ରହିଛନ୍ତି ରାଜ୍ୟ ସରକାର ଟାଟା ହାତକୁ ବିଦ୍ୟୁତ ବିତରଣ ବ୍ୟବସ୍ଥା ଟେକି ଦେବା ବେଳେ ଏମାନଙ୍କ ପ୍ରସଙ୍ଗ ସଂପୂର୍ଣ୍ଣ ଅଣଦେଖା କଲେ । ଏଣୁ ବିଦ୍ୟୁତ୍ କ୍ଷେତ୍ରରେ ନିୟୋଜିତ ଆଉଟସୋର୍ସ ଶ୍ରମିକ ଓ କର୍ମଚାରୀଙ୍କ ସମେତ ସମସ୍ତ ଆଉଟସୋର୍ସ ସ୍ଥାୟୀ ପ୍ରକଳ୍ପର ଶ୍ରମିକ କର୍ମଚାରୀଙ୍କୁ ବିନା ସର୍ତ୍ତରେ ସ୍ଥାୟୀ ଦେବା ସଙ୍ଗେ ସଙ୍ଗେ ରାଜ୍ୟର ସମସ୍ତ ବିଭାଗରେ ଖାଲିଥିବା ୨ ଲକ୍ଷରୁ ଅଧିକ ଖାଲି ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ଦାବି କରୁଛୁ ।


# ନଳିତା ବିଢ଼ାକୁ ନେଇ ମାରପିଟ୍ ଘଟଣାରେ ୫ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପଟୁଣିଆ ପ ାୟତ ଢିଅନରସିଂହପୁର ଗ୍ରାମରେ ନଳିତା ବିଢ଼ାକୁ ନିଜର ବୋଲି ଦାବିକରି ଦୁଇ ପରିବାର ମଧ୍ୟରେ ଗତ ୧୩ ତାରିଖରେ ହୋଇଥିବା ମାଡପିଟ ଘଟଣାରେ ପୁଲିସ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଢିହନରସିଂହପୁର ଗ୍ରାମରେ ନଳିତା ବିଡାକୁ ନେଇ ୨ଟି ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏହି ଘଟଣାରେ ଗୋଟିଏ ପରିବାରର ୪ଜଣ ଆହତ ହୋଇଥିବା ବେଳେ ଅନ୍ୟଏକ ପରିବାରର ଜଣେ ଆହତ ହୋଇଥିଲେ । ଏଥିନେଇ ଚଇନଙ୍କ ପତ୍ନୀ ଲକ୍ଷ୍ମୀ ଦଳେଇ ଥାନାରେ ଓ ପ୍ରତିପକ୍ଷ ଗୋଷ୍ଠୀର ବିନୋଦ ଦଳେଇ ଉଭୟ ପରିବାରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ୫୬/୨୨ ଓ ୫୬୪/୨୨ରେ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ ପୁଲିସ ଢିହନରସିଂହପୁର ଗ୍ରାମର ଗୋଟିଏ ଗୋଷ୍ଠିର ବିନୋଦ ଦଳେଇଙ୍କ ପୁଅ ବାଇଧର ଦଳେଇ (୨୩), ବୁଦ୍ଧିଆ ଦଳେଇ (୨୫) ଓ ମାନଗୋବିନ୍ଦ ଦଳେଇଙ୍କ ପୁଅ ମିଥୁନ ଦଳେଇ(୨୮),ଚନ୍ଦନ ଦଳେଇ (୨୧)ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଏକ ଗୋଷ୍ଠିର ଚଇନ ଦଳେଇଙ୍କ ପୁଅ ସାଗର ଦଳେଇ (୨୧)ଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି ।

# ବହୁ ପ୍ରତିକ୍ଷାର ଅନ୍ତ ଘଟିଲା, ନବନିର୍ମିତ ଜାରକା ଓଭର ବ୍ରିଜ୍‌ରେ ଗାଡି ଗଡିଲା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ଛକ ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର ଜାରକା ଛକ ଠାରେ ନବନିର୍ମିତ ଓଭର ବ୍ରିଜ ଦେଇ ଗାଡି ଯାତାୟାତ କରିଛି । ୨୦୧୮ ମସିହାରେ ଦ୍ୱିତୀୟ ଥାର ଲାଗି ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥିଲା ବେଳେ ଜାରକା ଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ହୋଇଥିଲା । ଏଥିଲାଗି ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସମାଜସେବୀ, ରାଜନୈତିକ ବ୍ୟକ୍ତି ଓ ସାମ୍ବାଦିକମାନଙ୍କୁ ନେଇ ଧର୍ମଶାଳା ଡେଭେଲପ୍‌ମେଂଟ କମିଟି ନାମରେ ଏକ ସଙ୍ଗଠନ ଗଠନ କରାଯାଇ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ଉପସ୍ଥାପନା କରାଯାଇଥିଲା । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ବହୁବାର ଆଲୋଚନା ଓ ଆନ୍ଦୋଳନ ପରେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାଜି ହୋଇଥିଲେ । ୨୦୨୦ ମସିହା ଜୁନ ମାସରେ ଏହାର କାମ ଆରମ୍ଭ ହୋଇଥିଲା । ଓଭରବ୍ରିଜ ନିର୍ମାଣ ପାଇଁ ୧୬ ନମ୍ବର ଜାତୀୟ ରାଜପଥକୁ ଖୋଳାଯାଇ ଓଭରବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇଥିଲା । ମୁଖ୍ୟ ରାସ୍ତାରେ କାମ ହେବାରୁ ଗାଡିଗୁଡିକ ବାଇପାସ ରାସ୍ତା ଦେଇ ଯାତାୟାତ ଆରମ୍ଭ ହୋଇଥିଲା । ତେବେ ଏଠାରେ ୧୮ ମାସ ମଧ୍ୟରେ ଓଭରବ୍ରିଜ ନିର୍ମାଣ କାମ ଶେଷ ହେବ ବୋଲି କାମ କରୁଥିବା ଠିକାସଂସ୍ଥା ପକ୍ଷରୁ କୁହାଯାଇଥିଲା । ହେଲେ ମନ୍ଥର ଗତିରେ କାମ ଚାଲୁଥିବାରୁ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାକୁ ଦୀର୍ଘବର୍ଷ ଲାଗିବା ଆଶଙ୍କା କରି ସ୍ଥାନୀୟ ଡେଭେଲପମେଂଟ କମିଟି ଓ ବଜାର କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଠିକାସଂସ୍ଥାକୁ ଭେଟି ରାସ୍ତା ନିର୍ମାଣରେ ବିଳମ୍ବତାକୁ ନେଇ ଅଭିଯୋଗ ଉଠାଇଥିଲେ । ତେବେ ବହୁ ପ୍ରତିକ୍ଷାର ଅବସାନ ଘଟିଛି, ଓଭରବ୍ରିଜ ଦେଇ ଗାଡିଗୁଡିକ ଯାତାୟାତ କରିଛି । ଦୀର୍ଘ ୨୮ ମାସ ପରେ ଗାଡିଗୁଡିକ ମୁଖ୍ୟରାସ୍ତା ଦେଇ ଚଳାଚଳ କରିବାରୁ ଦୀର୍ଘଦିନ ହେଲା ବାଇପାସ ରାସ୍ତାରେ ଗାଡି ଚଳାଚଳ ଯୋଗୁ ହୀନସ୍ତା ଭୋଗୁଥିବା ଜାରକା ବଜାରର ବ୍ୟବସାୟୀ ଓ ସାଧାରଣ ଲୋକେ ଆଜି ଆଶ୍ୱସ୍ତି ଅନୁଭବ କରିଛନ୍ତି ।




**ଭୁବନେଶ୍ୱର, ୨୦୨୪, ମଇ ୧୦**

# ସାତ୍ୱିକ ପ୍ରବୃତ୍ତି ଜାଗୃତିର ତିଥି ଅକ୍ଷୟ ତୃତୀୟା


ଗୋପାଳ ମହାପାତ୍ର

ପୁରୁଷ ଏବଂ ପ୍ରକୃତିର ଏକୀକରଣ,ସମନ୍ୱୟର ମାସ ହେଉଛି ବୈଶାଖ । ଏହି ମାସର ଶୁକ୍ଳ ପକ୍ଷର ତୃତୀୟା ତିଥି ତ୍ରିଗୁଣାତ୍ମକ ଜୀବନର ଜ୍ଞାନ-ଇଚ୍ଛା ଏବଂ କ୍ରିୟା ଶକ୍ତିକୁ ଉଜ୍ଜୀବିତ କରିବାର ତିଥି ଅଟେ । ଏତଦବ୍ୟତୀତ ତିନି ଲୋକ ଭୂ:ଭୁବଃ:ସ୍ୱ: କୁ ମଧ୍ୟ ଶକ୍ତି ପ୍ରଦାନ କରିଥାଏ ଏହି ତୃତୀୟା ତିଥି । ଏହି ତିଥିକୁ ଅକ୍ଷୟ ତୃତୀୟା ଭାବେ ନାମିତ କରିବା ପାଇଁ କେବଳ ଯେ ଆଧ୍ୟାତ୍ମିକ କାରଣ ରହିଛି ତା ନୁହେଁ ବରଂ ଏହାର ବୈଜ୍ଞାନିକ କାରଣ ମଧ୍ୟ ରହିଛି । ଆଧ୍ୟାତ୍ମିକ ଦୃଷ୍ଟିରେ ଏହା ହେଉଛି ସତ୍ୟଯୁଗର ପ୍ରାରମ୍ଭ ତିଥି ଅଟେ । ସତ୍ୟ ଯୁଗରେ ବ୍ରହ୍ମା,ବିଷ୍ଣୁ ଏବଂ ମହେଶ୍ୱରଙ୍କ ସ୍ୱରୂପ ଅକ୍ଷୟ ଏବଂ ଅବିନାଶୀ ଅଟେ । ସଂପୂର୍ଣ୍ଣ ସୃଷ୍ଟି ସୃଜନ, ପାଳନ ଏବଂ ବିନାଶର ତ୍ରିକୋଣାତ୍ମକ ପରିକ୍ରମା କରିଥାଏ । ଏହି ତିଥି ଜ୍ଞାନ ଏବଂ କ୍ରିୟାର ଦେବତା ପର୍ସୁରାମଙ୍କର ଅବତରଣର ଦିବସ ଅଟେ । ଋଷି ହୋଇ ମଧ୍ୟ ପର୍ସୁରାମ ଜ୍ଞାନର ଦେବତା ହୋଇଥିଲେ ମଧ୍ୟ ପ୍ରଜାଙ୍କ ହିତ ଏବଂ ସକୁଶଳ ରାଜ୍ୟ ସଂଚାଳନ ପାଇଁ ନିର୍ଦ୍ଧାରିତ ମାନକର ବିପରୀତ କାର୍ଯ୍ୟ କରୁଥିବା ରାଜାମାନଙ୍କ ସହ ସେ ଅନେକ ବାର ସଂଘର୍ଷ କରିଥିବା କଥା ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି । ବୈଶାଖ ଋତୁରାଜ ବସନ୍ତର ଉନ୍ମେଷର ମାସ ଅଟେ । ଚୈତ୍ର ଶୁକ୍ଳ ପକ୍ଷରୁ ଆରମ୍ଭ ହୋଇଥିବା ବସନ୍ତ ଋତୁ ୨ ମାସ ପର୍ଯ୍ୟନ୍ତ ଯେଉଁ ସୁମଧୁର ପ୍ରଭାବ ଛାଡିଥାଏ ସେଥିରେ ତ୍ରେତୟା ଯୁଗର ଅକ୍ଷୟ ସ୍ୱରୂପର ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ଭାଗବାନମର୍ଯ୍ୟାଦା ପୁରୁଷ ଶ୍ରୀରାମ ଏବଂ ଅଷ୍ଟମ ଅବତାର ଯୋଗେଶ୍ୱର କୃଷ୍ଣ ଅଭିଭୂତ ହୋଇଥାନ୍ତି ବୋଲି କୁହାଯାଏ । ବନବାସ ଅବସରରେ ପ୍ରଭୁ ଶ୍ରୀରାମଙ୍କ ପତ୍ନୀ ମାତା ସୀତାଙ୍କ ହରଣ ପରେ ବ୍ୟସ୍ତତା ଏବଂ ବ୍ୟଗ୍ରତାକୁ ବିରାମ ଦେବାର ସମୟ ଥିଲା ଏହି ବସନ୍ତ ଋତୁ । ଦଣ୍ଡକାରଣ୍ୟରେ ପ୍ରଥମତଃ ଜ୍ଞାନ ଏବଂ ବିଜ୍ଞାନର କେନ୍ଦ୍ର ଶ୍ରୀ ହନୁମାନଙ୍କ ସହ ଏହି ସମୟରେ ଶ୍ରୀରାମଙ୍କର ଭେଟ ହୋଇଥିଲା । ଶ୍ରୀରାମଙ୍କୁ ହନୁମାନଙ୍କ କଥାରୁ ଋକବେଦ, ଯଜୁର୍ବ ?ଦ ତଥା ସମାବେଦର ଜ୍ଞାନର ଆଭାସ ମିଳିଥିଲା । ଜ୍ଞାନୀ ହନୁମାନଙ୍କ ସହ ଭେଟ ହେବା ପରେ ଶ୍ରୀରାମ ମାତା ସୀତାଙ୍କୁ ଖୋଜି ପାଇବେ ବୋଲି ଆଶ୍ୱସ୍ତ ହୋଇଯାଇଥିଲେ । ବସନ୍ତ ଋତୁର ସମୟ । ବାଲ୍ମୀକି ରାମାୟଣରେ ଭଗବାନ ରାମଙ୍କ ଦ୍ୱାରା ବସନ୍ତ ଋତୁ ସମ୍ପର୍କରେ ଯାହା ବର୍ଣ୍ଣନା କରାଯାଇଛି ସେଥିରେ ପୁରୁଷ ଏବଂ ପ୍ରକୃତି ମଧ୍ୟରେ ସମନ୍ୱୟ ସ୍ଥାପିତ କରିବାର ସ୍ପଷ୍ଟ ସଙ୍କେତ ରହିଛି । ଶୀତକାଳ ବା ଶୀତ ଋତୁର ସମାପ୍ତି ପରେ ସୂର୍ଯ୍ୟଙ୍କ କିରଣରେ ଉତପ୍ତତା ଧୀରେ ଧୀରେ ବୃଦ୍ଧି ପାଇଥାଏ । ପୁରୁଷର ଏହି କିରଣ/ତେଜକୁ ଦେଖି ପ୍ରକୃତି ମୁଗ୍ଧ ହୋଇ ଯାଇଥାଏ । ପୃଥିବୀ ଆକାଶ ମଧ୍ୟରେ ଥିବା ଅନୁକୂଳତାର ପୁରୁଣାପଣ ପୁଣି ନୂଆ ହୋଇଯାଇଥାଏ । ପ୍ରକୃତିର ଏହି ଭାବକୁ ଜୀବନରେ ଆତ୍ମସାତ କରିବାର ସନ୍ଦେଶ ମଧ୍ୟ ନିହିତ ରହିଛି ।

ଶ୍ରୀରାମ କୃଷ୍ଣ ରୂପରେ ଦ୍ୱାପର ଯୁଗରେ ଅବତାରୀ ବସନ୍ତ ଋତୁର ମୋହକତା/ ମାଦକତାକୁ ଭୁଲିନଥିଲେ ଏବଂ "ମାସାନାଂମାର୍ଗଶିର୍ଷ ?ହମଋତୁନାଂକୁସୁମାକରଃ" କହି ବସନ୍ତ ଋତୁକୁ ନିଜର ସ୍ୱରୂପହିଁ ପ୍ରଦାନ କରିଥିଲେ । ଶ୍ରୀରାମ ଏବଂ ଶ୍ରୀକୃଷ୍ଣଙ୍କ କୃପା-ଅନୁକମ୍ପାରେ ଅଭିଷିକ୍ତ ହେବାର ଏହା ହେଉଛି ସମୟ । ଦୁଇ ଅବତାରୀ ପୁରୁଷଙ୍କ ଜୀବନ କେବଳ ସିଦ୍ଧାନ୍ତିକ ନୁହେଁ ବରଂ କ୍ରିୟାତ୍ମକ ମଧ୍ୟ ଥିଲା । ବସନ୍ତ ଋତୁର ଏହି ସମୟରେ ବୈଶାଖ ମାସର ତୃତୀୟା ତିଥିରେ ଅବତରିତଦଶାବତାରଙ୍କମଧ୍ୟରୁ ଷଷ୍ଠ ଏବଂ ୨୪ ଅବତାର ମଧ୍ୟରୁ ୧୬ଶ ଭଗବାନ ପର୍ସୁରାମଙ୍କ ମହିମାରୁ ଏକଥା ମଧ୍ୟ ଜଣାପଡିଥାଏ ଯେ ଜୀବନର ଘଟଣା ଚକ୍ରକୁ ଭେଦି ସହସ୍ରାରଆଡକୁବଢିବା ପାଇଁ ରାମ ଓ କୃଷ୍ଣଙ୍କ ଭଳି ଉର୍ଦ୍ଧ୍ୱଗାମୀ ହେବାକୁ ପଡିବ । ବୈଶାଖ ମାସର ମହତ୍ୱ ବାବଦରେ ଅନେକ ତଥ୍ୟ ପୌରାଣିକ ଗ୍ରନ୍ଥମାନଙ୍କରେ ରହିଛି । ସ୍କନ୍ଦ ପୁରାଣରେ ବୈଶାଖ ମାସର ମହତ୍ୱ କଥା ଉଲ୍ଲେଖ ରହିଛି । ସ୍କନ୍ଦ ପୁରାଣ ଅନୁସାରେ ଏହି ମାସରେ ଚନ୍ଦ୍ର,ସୂର୍ଯ୍ୟ, ତାରା, ନକ୍ଷତ୍ର ଏତେ ଅନୁକୂଳ ହୋଇଥାନ୍ତି ଯେ ଏହା ମାନବ ସମାଜ ପାଇଁ ଲାଭପ୍ରଦ ହୋଇଥାନ୍ତି । ଏହି ମାସରେ ପ୍ରତିକୂଳ ପ୍ରଭାବ ନିଷ୍କ୍ରିୟ ହୋଇଯାଇଥାଏ । ଏଣୁ କୌଣସି ଗଣନା କରାନଯାଇ ଅକ୍ଷୟ ତୃତୀୟାରେଶୁଭକାର୍ଯ୍ୟ ସମ୍ପାଦିତ କରାଯାଇଥାଏ । ନାରଦ ପୁରାଣ ଅନୁସାରେ ଅକ୍ଷୟ ତୃତୀୟାରେ ମହିଳାମାନେ ଲଳିତା ଦେବୀଙ୍କ ଉପାସନା କଲେ ସେମାନଙ୍କର ମଙ୍ଗଳ ହୋଇଥାଏ । କିନ୍ତୁ ବୈଶାଖ ମାସର ତୃତୀୟା ତିଥି ବା ଅକ୍ଷୟ ତୃତୀୟାରେ ବ୍ରତ ଉପବାସ ସ୍ତ୍ରୀ-ପୁରୁଷ ଉଭୟଙ୍କ ପାଇଁ ମଙ୍ଗଳ ଦାୟୀ ହୋଇଥାଏ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*

# ଏବେବି ସମୟ ଅଛି


ଭାସ୍କର ବାରିକ୍

ଅଳ୍ପଦିନ ତଳେ ଭୁବନେଶ୍ୱରରେ ଜଣେ ଖୁବ୍ ଉଚ୍ଚ ଶିକ୍ଷିତ ଓ ବିଜ୍ଞ ଅନ୍ତରଙ୍ଗ ବଡ଼ ଭାଇଙ୍କ ସହିତ କଥା ହେଲାବେଳେ ସେ ମୋତେ ଗୋଟିଏ ସୁନ୍ଦର କାହାଣୀ କହିଥିଲେ ଯାହା ବର୍ତମାନ ନିର୍ବାଚନ ପରିପ୍ରେକ୍ଷୀରେ ଅତ୍ୟନ୍ତ ଉପାଦେୟ ବୋଲି ମନେହୁଏ । ଭାଇ କହିଥିବା କାହାଣୀର ଲେଖକ କିଏ ସେକଥା ବି ମୋତେ ଜଣାନାହିଁ। ଭାଇ ମୋର ପେଶାରେ ଜଣେ ଅଧ୍ୟାପକ , ବୟସ ପାଖାପାଖି ଷାଠିଏ ଛୁଇଁଲାଣି । କିନ୍ତୁ ମନରେ ଭାଇ ଆମର ସବୁବେଳେ ଯୁବକ । ଯେହେତୁ ଇଂରାଜୀ ସାହିତ୍ୟରେ ଭାଇ ଅନେକ ଗବେଷଣା କରିଛନ୍ତି ଓ +୩ ର ପିଲାମାନଙ୍କୁ ପାଠ ପଢାନ୍ତି ଓ ଯୁବ ସମାଜ ସହିତ ସମୟ ବିତାନ୍ତି, ମୋତେ ଲାଗେ ଅଧ୍ୟାପକ ଭାଇ ମୋର ଚିର ସବୁଜ । ଭାଇଙ୍କ ସହିତ ମୋର ଦୀର୍ଘଦିନର ସମ୍ପର୍କ । ଜୀବନରେ ପ୍ରଥମେ ଲେଖାଲେଖି କଲାବେଳେ ଭାଇ ମୋ ଲେଖା ଆଗ ପଢୁଥିଲେ ଓ ଲେଖା କେମିତି ଅଧିକ ଶାଣିତ ହେବ, ସେଥିପାଇଁ ସୁନ୍ଦର ମତାମତ ଦେଉଥିଲେ । ଏବେବି ଭାଇ ମୋ'ର ମୋତେ ଗାଇଡ୍ କରନ୍ତି ମୋ ଲେଖାରେ ଉନ୍ନତି ଆଣିବା ପାଇଁ । ଘଣ୍ଟା ଘଣ୍ଟା ଧରି ଅନର୍ଗଳ ଇଂରାଜୀରେ କଥା ହେଇ ପାରନ୍ତି ସେ । ଓଡ଼ିଆ ସାହିତ୍ୟରେ ବି ଖୁବ୍ ପାଣ୍ଡିତ୍ୟ । ଚମତ୍କାର ବ୍ୟକ୍ତିତ୍ୱ ସତରେ । ହଁ, ସେ କହିଥିବା କାହାଣୀ ଉପରେ ଏବେ ଟିକେ ଆଲୋଚନା କରିବା । ଗୋଟେ ପଂଚାୟତକୁ ଏକଦା ଏକ କମ୍ପାନୀ ଆସିଲା । ସେହି କମ୍ପାନୀ ବିଭିନ୍ନ ଖବରକାଗଜରେ ଲେଖା ପ୍ରକାଶ କଲା ଯେ ଯେଉଁ ବ୍ୟକ୍ତି ଗୋଟେ କୁକୁର ଆଣି କମ୍ପାନୀକୁ ଦେବ, ସେହି ବ୍ୟକ୍ତି ଶହେ ଟଙ୍କା ପାଇବ । ଯିଏ ଯେତେଟା କୁକୁର ଆଣିଦେବ,ସେତେ ଶହେ ଟଙ୍କା ପାଇବ । ସେହି ଅନୁସାରେ ପଂଚାୟତର ଲୋକମାନେ କୁକୁର ଧରି କମ୍ପାନୀକୁ ଦେଲେ ଓ ପଇସା ପାଇଲେ । କିଛି ଦିନ ପରେ ପୁଣି କମ୍ପାନୀ ବିଜ୍ଞାପନ ଛାପିଲା ଯେ , ପ୍ରତି କୁକୁର ପାଇଁ କମ୍ପାନୀ ଦୁଇଶହ ଟଙ୍କା ଦେବ । ଲୋକମାନେ କୁକୁର ଧରିଲେ ଅଧିକ ଉତ୍ସାହିତ ହୋଇ ଓ ପଇସା ପାଇଲେ । ପୁଣି ତୃତୀୟ ଥର ପାଇଁ କମ୍ପାନୀ ବିଜ୍ଞାପନ ଛାପିଲା ଯେ ଏଥର ଯେଉଁ ବ୍ୟକ୍ତି କୁକୁର ଆଣି କମ୍ପାନୀକୁ ଦେବ, ପ୍ରତି କୁକୁର ପାଇଁ କମ୍ପାନୀ ତିନିଶହ ଟଙ୍କା ଦେବ । ସେତେବେଳକୁ ଆଉ ପଂଚାୟତରେ କୁକୁର ପ୍ରାୟତଃ ନଥିଲେ କାରଣ ଅର୍ଥ ଲାଳସାରେ ଲୋକମାନେ ସବୁ କୁକୁର ଧରି କମ୍ପାନୀକୁ ଦେଇ ଦେଇଥିଲେ । କମ୍ପାନୀ ସବୁ କୁକୁରଙ୍କୁ ସାଇତି ରଖିଥାଏ । ପୁଣି ଆଉ ଏକ ବିଜ୍ଞାପନ କମ୍ପାନୀ ଖବରକାଗଜ ମାନଙ୍କରେ ଛାପିଲା ଯେ, ପ୍ରତି କୁକୁର ପାଇଁ କମ୍ପାନୀ ଦୁଇ ହଜାର ଟଙ୍କା ଦେବ । ଅର୍ଥ ଲାଳସାରେ ପାଗଳ ଲୋକମାନେ କୁକୁର ଖୋଜିବାରେ ପୁଣି ଲାଗି ପଡିଲେ ଶହେଗୁଣ ଉତ୍ସାହିତ ହୋଇ କିନ୍ତୁ ଆଉ କୁକୁର ପାଇଲେନି । ଏହି ସୁଯୋଗର ଫାଇଦା ନେଲେ କମ୍ପାନୀର ପରିଚାଳକ । ଲୋକମାନଙ୍କୁ କହିଲେ,କମ୍ପାନୀର ମାଲିକ କୋଡ଼ିଏ ଦିନ ପାଇଁ ବିଦେଶକୁ ଯାଇଛନ୍ତି । ଆପଣମାନେ କମ୍ପାନୀରୁ କୁକୁର ପ୍ରତି ପନ୍ଦର ଶହ ଟଙ୍କା ଦେଇ କିଣି ନିଅନ୍ତୁ, ମାଲିକ ଆସିଲେ ଆପଣମାନେ ଗୋଟିଏ କୁକୁରକୁ ଦୁଇ ହଜାର ଟଙ୍କାରେ କମ୍ପାନୀର ବିଜ୍ଞାପନ ଅନୁସାରେ କମ୍ପାନୀକୁ ବିକିବେ ଓ ପ୍ରତି କୁକୁର ପାଇଁ ପାଂଚ୍ ଶହ ଲାଭ ପାଇବେ । ଲୋକମାନେ ତ ପଇସାର ମଜା ପାଇଛନ୍ତି ଆଗରୁ । ପରିଚାଳକଙ୍କ କଥା ଉପରେ ବିଶ୍ୱାସ କରି ଲୋକମାନେ ନିଜର ସୁନା ଗହଣା ବିକି ଓ ଗଚ୍ଛିତ ଅର୍ଥ ବିନିଯୋଗ କରି କମ୍ପାନୀରୁ ଦଶ ପନ୍ଦରଟି ଲେଖାଏଁ କୁକୁର କିଣି ଘରକୁ ନେଇ ଆସିଲେ । କିଛି ଦିନ ଗଲା । କୋଡ଼ିଏ ଦିନ ପରେ ଲୋକମାନେ ଆଉ କମ୍ପାନୀ ତରଫରୁ କିଛି ଖବର ପାଇଲେ ନାହିଁ । କମ୍ପାନୀର କାର୍ଯ୍ୟାଳୟକୁ ଗଲେ । ଦେଖିଲା ବେଳକୁ କମ୍ପାନୀ ନାହିଁ , ମାଲିକ ନାହିଁ, ପରିଚାଳକ ନାହିଁ,ଅଫିସ୍ ନାହିଁ କି କର୍ମଚାରୀ ନାହାଁନ୍ତି । ପରିଚାଳକ ତିନିଶହ ଟଙ୍କାରେ କୁକୁର କିଣି ପନ୍ଦର ଶହ ଟଙ୍କାରେ ଲୋକଙ୍କୁ ବିକି ପ୍ରଚୁର ଲାଭଖାଇ ଫେରାର । ପଂଚାୟତରେ ସବୁ ଲୋକମାନଙ୍କ ଘରେ ଖାଲି କୁକୁର ଆଉ କୁକୁର , ଭୋ ଭୋ ଗର୍ଜନ। ପଂଚାୟତ ଉଠୁଛି ପଡୁଛି । ସମସ୍ତେ ବ୍ୟସ୍ତ ବିବ୍ରତ, କିନ୍ତୁ ଆଉ କିଛି ହେବାର ନାହିଁ । ଏହି କଥାଟି ସେହି ଭୋଟର ଭାଇ ଭଉଣୀ ମାନଙ୍କ ପାଇଁ ପ୍ରଯୁଜ୍ୟ ଯେଉଁମାନେ ଟଙ୍କା ,ମଦ ଲୋଭରେ ମୁର୍ଖ ଟାଉଟର ନେତା ମାନଙ୍କ ଦ୍ୱାରା ବାରମ୍ବାର ବାଟବଣା ହୋଇ ପରେ ଛଳନା ଓ ଶୋଷଣର ଶିକାର ହୁଅନ୍ତି । ଅଭିଯୋଗ କରନ୍ତି , ଏ ଦେଶକୁ ନେତା ମନ୍ତ୍ରୀ ଖାଇଗଲେ । ଭୋଟ୍ ଦେଲାବେଳେ ନିଜର ବୁଦ୍ଧି ବିବେକ ହଜେଇ ମାଉଁସ ଭାତ ଭୋଜିରେ ଆପ୍ୟାୟିତ ହୋଇ କେଇ ଶହ ଟଙ୍କା ନେଇ ଆମେ ଭୋଟ୍ ଦେଲେ, ଆମର ଆଉ କେଉଁ ଅଧିକାର ରହିଲା ନେତାଙ୍କୁ ମୁଣ୍ଡ ଉଠେଇ ପ୍ରଶ୍ନ ପଚାରିବାକୁ । ଆମେ ପରା କେଇ ଶହ ଟଙ୍କାରେ ମୁଣ୍ଡ ବିକି ଦେଇଛନ୍ତି । ଆମ ପାଇଁ ଦେଶ ବଡ଼ ହେଲାନି, ଟଙ୍କା ବଡ଼ । ନିର୍ବାଚନର ପୂର୍ବ ରାତିରେ କ'ଣ ହୁଏ ଏ ଦେଶରେ ସମସ୍ତେ ଜାଣନ୍ତି , କିନ୍ତୁ ସବୁ ଚୁପ୍, ଗାନ୍ଧୀଙ୍କ ତିନି ମାଙ୍କଡ଼ର ଅଭିନୟ । ୨୦୨୪ ନିର୍ବାଚନରେ ଆମକୁ ଆମ ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ । ଏ ମହାନ ଦେଶର ସୁରକ୍ଷା ,ଗୋ ?ରବମୟ ଇତିହାସ, ଧର୍ମ, ଐତିହ୍ୟ, ପରମ୍ପରା, କଳା ସଂସ୍କୃତି,ଭାସ୍କର୍ଯ୍ୟ, ପ୍ରଥା ପରମ୍ପରା , ସମ୍ମାନ ଓ ସ୍ୱାଭିମାନକୁ ଯେଉଁ ବ୍ୟକ୍ତି ସୁରକ୍ଷିତ କରି ରଖି ପାରିବ, ଲୋକଙ୍କ ସୁଖଦୁଃଖରେ ସାମିଲ୍ ହେଇ ପାରୁଥିବ,ସେମିତି ଦେଶପ୍ରେମୀଙ୍କୁ ଆମେ ସମସ୍ତେ ଭୋଟ୍ ଦେବା । ଦେଶର ଉନ୍ନତି ପ୍ରଗତି ହେଲେ, ବ୍ୟକ୍ତିର ମର୍ଯ୍ୟାଦା ବୃଦ୍ଧିହେବା ସହିତ ନିଶ୍ଚୟ ସବୁ କ୍ଷେତ୍ରରେ ଉନ୍ନତି ହେବ । ଟଙ୍କା ନେଇ, ମଦ ପିଇ, ମାଉଁସ ଖାଇ ଆଖି ବନ୍ଦ କରି ଭୋଟ୍ ଦେଲେ, ଦେଶର ଓ ସମାଜର ଅମଙ୍ଗଳ ହେବ । ଏବେବି ସମୟ ଅଛି, ଆମେ ଗଭୀର ଭାବରେ ଚିନ୍ତା କରିବା। ଟଙ୍କା ନେଇ ମୁର୍ଖ, ଅପାଠୁଆ,ହଜାରେ କଳା ଦାଗ ଲାଗିଥିବା ବ୍ୟକ୍ତିକୁ ଭୋଟ୍ ଦେବା ନା ଦେଶର ଭବିଷ୍ୟତ ପାଇଁ ଯାହା ଭଲ ସେହି ଅନୁସାରେ କାମ କରିବା । ଚିନ୍ତା କରିବା ଆମ ପାଇଁ କେଉଁଟା ବଡ଼, ଟଙ୍କା ନା ଦେଶ । ଭୋଟଦାନ ବେଳେ ମନେ ରଖିବା, ଦେଶ ବୁଡିଲେ,ଆମେ ବୁଡିବା । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଆଖି ବୁଜି ଦେଲେ,ଦେଶ ଭାସିଯିବ । ତେଣୁ ଏବେବି ସମୟ ଅଛି ସୁସ୍ଥ ମାନସିକତା ଓ ମସ୍ତିଷ୍କରେ ଆମେ ଭାବିଚିନ୍ତି ଭଲ ଲୋକଙ୍କୁ ଭୋଟ୍ ଦାନ କରିବା ୨୦୨୪ ନିର୍ବାଚନରେ, ଦେଶର ଓ ସମାଜର ମଙ୍ଗଳ ପାଇଁ କାମନା କରିବା ଓ ଆମ ଭବିଷ୍ୟତ ପିଢ଼ିକୁ ଶକ୍ତିଶାଳୀ କରିବା ସହିତ ଦେଶକୁ ଆଗକୁ ନେବା ।ଓ୍ୱରଙ୍ଗଜେବ , ମହମ୍ମଦ ଘୋରୀ, ମିର୍ଜାଫର ମାନଙ୍କୁ ବାଛିବା ନା ଭଗତ୍ ସିଂହ, ସୁବାଷ ବୋଷ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ , ଏ. ପି. ଜେ. ଅବଦୁଲ କଲାମଙ୍କୁ ବାଛିବା, ତାହା ନିର୍ଭର କରେ ଆମର ବିବେକ ଓ ଚିନ୍ତା ଶକ୍ତି ଉପରେ । ପଚାରନ୍ତୁ ନିଜର ବିବେକ ଓ ହୃଦୟକୁ ଥରୁଟିଏ , କେଉଁଟା ଠିକ୍ ଓ କେଉଁଟା ଭୁଲ୍ । କାଳ କୋଠରୀରେ ବନ୍ଦୀ ଥିବା ଇତିହାସକୁ ଥରେ ପଢନ୍ତୁ । ମନେ ପକାନ୍ତୁ ଥରେ କଳାପାଣି ଦଣ୍ଡ ଭୋଗିଥିବା ଅସଂଖ୍ୟ ଦେଶପ୍ରେମୀ ମାନଙ୍କର ବଳିଦାନକୁ, ସ୍ମରଣ କରନ୍ତୁ ଥରେ ଦେଶ ପାଇଁ ହସି ହସି ଫାଶି ଖୁଣ୍ଟରେ ଝୁଲି ଥିବା ଭାରତ ମାଆର ବୀର ସନ୍ତାନ ମାନଙ୍କୁ । କଥାରେ ଅଛି ,'ଚାଷୀ ହୁରୁଡିଲେ ବରଷେ, ମତଦାତା ହୁରୁଡିଲେ ପାଂଚ ବରଷ ' । ଆମ ହାତର ବାଲଟ୍ ପେପର ଆମ ପାଇଁ ବୁଲେଟ ଠାରୁ ବହୁ ଗୁଣରେ ଅଧିକ ଶକ୍ତିଶାଳୀ ଅହଂଙ୍କାରୀ ରାବଣ ମାନଙ୍କର ନିଧନ ପାଇଁ , ଦେଶର କିଛି ଦୂର୍ଣତୀଖୋର ସର୍ବଗିଳା ନେତା ମାନଙ୍କୁ ଚୁପ୍ କରେଇବା ପାଇଁ ଓ ଶୋଷଣ କଷଣ ମୁକ୍ତ ସମାଜ ଗଠନ ପାଇଁ । ଏକ ସୁନ୍ଦର ସୁସ୍ଥ ସମାଜ ଗଠନ ପାଇଁ ଭଲ ନେତୃତ୍ୱ ନିହାତି ଜରୁରୀ । ଅପାଠୁଆ, ମୁର୍ଖ, ମିଛୁଆ , ଅହଂଙ୍କାରୀ , ତୁଷ୍ଟିକରଣ ପାଇଁ ଚେଷ୍ଟିତ,ବେପାରୀ ମନୋଭାବ ରଖୁଥିବା ନେତା ବାଛିଲେ ସର୍ବନାଶ ହେବା ସୁନିଶ୍ଚିତ । ଭୋଟ୍ ଦେବା ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଏହି କାଳଜୟୀ କେତେ ଧାଡ଼ି ମନେ ରଖିବା ,

'ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ' ।

ଚିନ୍ତା କଲେ , ହୃଦୟର ଭାଷା ଶୁଣିଲେ,ଠିକ୍ ଉତ୍ତର ନିଶ୍ଚିତ ମିଳିବ ଓ ଆମେ ସମସ୍ତେ ଠିକ୍ ଲୋକ ବାଛି ପାରିବା ୨୦୨୪ ନିର୍ବାଚନରେ । ମନେ ରଖନ୍ତୁ ଏବେବି ସମୟ ଅଛି ଆମ ହାତରେ ।

ବାସୁଦେବପୁର,ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦

# ଜନସଂଖ୍ୟା ବିସ୍ଫୋରଣ କାରଣ ଓ ନିରାକରଣ


ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ଜନସଂଖ୍ୟା ୧୪୪କୋଟି ପାର ହୋଇ ୧୪୪.୧୭କୋଟିରେ ପହ ୍ଛି । ୭୭ ବର୍ଷରେ ଦୁଇଗୁଣା ହୋଇଛି ଜନସଂଖ୍ୟା । ଜାତିସଙ୍ଘ ଜନସଂଖ୍ୟା ପାଣ୍ଠି ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରୁ ଏହା ଜଣା ପଡିଛି । ୨୦୧୧ ଜନଗଣନା ବେଳେ ଭାରତର ଜନସଂଖ୍ୟା ୧୨୧କୋଟି ରେକର୍ଡ କରାଯାଇଥିଲା । ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ୦-୧୪ବର୍ଷ ପର୍ଯ୍ୟନ୍ତ ବୟସର ଜନସଂଖ୍ୟା ୩୫କୋଟି ହୋଇଛି , ଯାହାକି ମୋଟ ଜନସଂଖ୍ୟାର ୨୪ପ୍ରତିଶତ । ସେହିଭଳି ୧୦ରୁ୧୯ ଆୟୁବର୍ଗର ଜନସଂଖ୍ୟା ୧୭ ପ୍ରତିଶତ । ମୋଟ ଜନସଂଖ୍ୟାରେ ୧୦ରୁ ୨୪ ଆୟୁବର୍ଗଙ୍କ ସଂଖ୍ୟା ୨୬ ପ୍ରତିଶତ । ୧୫ରୁ ୬୪ ଆୟୁବର୍ଗଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୬୮ ପ୍ରତିଶତ । ସେହିଭଳି ୬୫ବର୍ଷରୁ ଅଧିକ ବୟସର ଜନସଂଖ୍ୟା ମୋଟ ଜନସଂଖ୍ୟାର ୭ ପ୍ରତିଶତ । ଦେଶର ପୁରୁଷଙ୍କର ହାରାହାରି ପରମାୟୁ ୭୧ ବର୍ଷ ହୋଇଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ୭୪ ବର୍ଷ ରହିଛି । ଚଳିତବର୍ଷ ଆରମ୍ଭରେ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହୋଇଥିବା ବେଳେ ଏବେ ଭାରତ ସେହି ଧାରା ବଜାୟ ରଖିଥିବା ଜାତିସଙ୍ଘ ରିପୋର୍ଟରୁ ଜଣାପଡିଛି । କୌଣସି ଦେଶର ଜନସଂଖ୍ୟା ସେ ଦେଶର ପରିସମ୍ପ ି । ବା ସମ୍ପଦ କାରଣ ଏହା ଅର୍ଥବ୍ୟବସ୍ଥାକୁ ଶ୍ରମଶକ୍ତି ଯୋଗାଇଥାଏ । କିନ୍ତୁ ଜନସଂଖ୍ୟାର ପରିମାଣ ଅହେତୁକ ଭାବେ ବୃଦ୍ଧି ପାଇଲେ ତାହା ସମ୍ପଦ ହେବା ପରିବର୍ତ୍ତେ ପାଇଁ ବୋଝ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ ୧୯୨୧ ମସିହା ପରଠାରୁ ଭାରତରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହା ଦେଶ ପାଇଁ ଶୁଭଙ୍କର ନୁହେଁ। ବିଗତ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ଜନସଂଖ୍ୟା ୨୦୧୧ ମସିହାରେ ୧୨୧କୋଟି ଥିବାବେଳେ ଏବେ ଜନସଂଖ୍ୟାରେ ଆମେ ବିଶ୍ୱରେ ଏକ ନମ୍ବରରେ ରହିଛୁ । ଅପରପକ୍ଷରେ ସମଗ୍ର ପୃଥିବୀର ଭୂଭାଗର ମାତ୍ର ୨.୪ ପ୍ରତିଶତ ଭାରତରେ ଥିବା ସ୍ଥଳେ, ପ୍ରାୟ ୧୭.୫ ପ୍ରତିଶତ ଜନସଂଖ୍ୟା ଏଠାରେ ବସତି ସ୍ଥାପନ କରନ୍ତି । ଭାରତରେ ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁର, ହାଇଦରାବାଦ, କଲ୍‌କାତାର ଜନସଂଖ୍ୟା ଯଥାକ୍ରମେ ପ୍ରାୟ ୧ କୋଟି ୨୪ ଲକ୍ଷ, ୧କୋଟି ୧୦ ଲକ୍ଷ,୮୪ଲକ୍ଷ, ୬୮ଲକ୍ଷ, ୫୮ଲକ୍ଷ ରହିଛି। ସେହିପରି ଭାରତର ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ଉ ରପ୍ରଦେଶ ,ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ, ଓ ମଧ୍ୟପ୍ରଦେଶର ଜନସଂଖ୍ୟା ଯଥାକ୍ରମେ ୧୯ କୋଟି ୯୫ ଲକ୍ଷ, ୧୧କୋଟି ୨୩ ଲକ୍ଷ, ୧୦କୋଟି ୩୮ ଲକ୍ଷ, ୯କୋଟି ୧୩ ଲକ୍ଷ ଓ ୭କୋଟି ୨୫ ଲକ୍ଷ ରହିଛି । ଏଥିସହିତ ସର୍ବନିମ୍ନ ଜନସଂଖ୍ୟ ବିଶିଷ୍ଟ ରାଜ୍ୟ ମଧ୍ୟରେ ସିକିମ୍ ମିଜୋରାମ, ଅରୁଣାଚଳ ପ୍ରଦେଶ,ଗୋଆ, ନାଗାଲ୍ୟାଣ୍ଡର ଜନସଂଖ୍ୟା ଯଥାକ୍ରମେ ୬ ଲକ୍ଷ ୭ ହଜାର, ୧୦ ଲକ୍ଷ ୯୧ ହଜା, ୧୩ ଲକ୍ଷ ୮୨ ହଜା, ୧୪ ଲକ୍ଷ ୫୭ ହଜାର ଓ ୧୯ ଲକ୍ଷ ୮୦ହଜାର ରହିଛି । ସଂଖ୍ୟା ଦୃଷ୍ଟିରୁ ଆମେ ଆତ୍ମସନ୍ତୋଷ ଲାଭ କରିପାରୁ ମାତ୍ର ଆୟତନ ଦୃଷ୍ଟିରୁ ଆମର ସ୍ଥାନ ପଛରେ । ଏଥିରୁ ସ୍ପଷ୍ଟ ଅନୁମୟ ଯେ, ଜନସଂଖ୍ୟା ବୃଦ୍ଧି ଆମ ଦେଶ ପାଇଁ ଚିନ୍ତାର କାରଣ ହୋଇଛି। ଯାହାକୁ ଅର୍ଥଶାସ୍ତ୍ରୀ ମାନେ ଜନ ବିସ୍ଫୋରଣର ଆଖ୍ୟା ଦେଇଛନ୍ତି।

ଏହି ଜନସଂଖ୍ୟା ବିସ୍ଫୋରଣ ଭାରତର ଅର୍ଥବ୍ୟବସ୍ଥା ସମ୍ମୁଖରେ ଏକ ବିରାଟ ଆହ୍ୱାନ, ଯାହାର ପ୍ରତିହତ ନିମନ୍ତେ ଆମକୁ ଏହା ସମ୍ପର୍କରେ ବିଶଦ୍ ଆଲୋଚନା ଏଠାରେ ପ୍ରଣିଧାନଯୋଗ୍ୟ । ଆକାର ଦୃଷ୍ଟିରୁ ଏହା ବିଶାଳ, ଅଭିବୃଦ୍ଧି ମଧ୍ୟ ଅତି ଉଚ୍ଚସ୍ତରର, ଏଣେ ଜନସଂଖ୍ୟାର ଗୁଣାତ୍ମକ ମାନ ମଧ୍ୟ ନିମ୍ନ ଧରଣର । ଏହି ପରିପ୍ରେକ୍ଷୀରେ ଜନ ବିସ୍ଫୋରଣ ଆର୍ଥିକ ବ୍ୟବସ୍ଥାରେ କି ପ୍ରଭାବ ପକାଇଛି, ତାହାର ବିଶ୍ଳେଷଣ ଏକାନ୍ତ ଆବଶ୍ୟକ । ଜନ ବିସ୍ଫୋରଣ ଦେଶରେ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାରକୁ ସ୍ୱଳ୍ପ କରେ । ୧୯୫୦-୧୯୫୧ ରୁ ୧୯୯୦-୧୯୯୧ ମଧ୍ୟରେ ଜାତୀୟ ଆୟର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୪.୨୧ ପ୍ରତିଶତ ହୋଇଥିଲେ ହେଁ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ମାତ୍ର ୨.୧୪ ପ୍ରତିଶତ ହୋଇଥିଲା । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶରେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଚାହିଦା ସୃଷ୍ଟି କରେ । ପ ବାର୍ଷିକ ଯୋଜନାକାଳ ମଧ୍ୟରେ ଦେଶର ମୋଟ ଖାଦ୍ୟଦ୍ରବ୍ୟ ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଁ ଦେଶ ଆତ୍ମନିର୍ଭରଶୀଳ ହେବାର ସଫଳତା ହାସଲ କରିଛି । ଏ ସବୁ ସ ୍ୱ ଦେଶରେ ଏବେ ମଧ୍ୟ ୨୭ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଆନ୍ତି ନାହିଁ । ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବ ଜନିତ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବୃଦ୍ଧିହାର ଦେଶର ସୀମିତ ଭୂମି ଉପରେ ଅଧିକ ଚାପ ସୃଷ୍ଟି ମଧ୍ୟ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ ରୁ ୨୦୧୧ ମଧ୍ୟରେ ଜଣପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରୀ ଓ ଅବିନିଯୋଗର ସମସ୍ୟା ସୃଷ୍ଟି ହୋଇଛି । ଯୋଜନା ଆୟୋଗ ହିସାବରୁ ଜଣାଯାଏ ଯେ, ୨୦୦୧ ମସିହା ସୁଦ୍ଧା ଦେଶରେ ବେକାରୀ ସଂଖ୍ୟା ୧୦୬ ନିୟୁତ ଥିଲା ।

ଜନସଂଖ୍ୟାର ଆକାର ବର୍ଷକୁ ବର୍ଷ ବିଶାଳ ହେବାଦ୍ୱାରା ଲୋକମାନଙ୍କୁ ଶିକ୍ଷା, ଚିକିତ୍ସା ତଥା ବାସଗୃହର ପର୍ଯ୍ୟାପ୍ତ ସବିଧା ସୁଯୋଗ ଦିଆଯାଇପାରୁ ନାହିଁ । ଏସବୁ ମାନବ ସମ୍ବଳ ବିକାଶ ନିମି ଆବଶ୍ୟକ । ଦେଶର ପ୍ରାୟ ୧୨ ପ୍ରତିଶତ ଲୋକଙ୍କର ବାସଗୃହ ନାହିଁ । ସାକ୍ଷରତା ହାର ୫୨.୧ ରୁ ୭୪.୦ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ (୧୯୯୧ - ୨୦୧୧), ଦେଶର ୨୪ ପ୍ରତିଶତରୁ ଅଧିକ ଲୋକ ନିରକ୍ଷର । ଚିକିତ୍ସାର ସୁବିଧା ମଧ୍ୟ ସମସ୍ତଙ୍କ ପାଇଁ ନାହିଁ । ଏସବୁ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ । ଜନ ବିସ୍ଫୋରଣ ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଜନସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ହେତୁ ନିଯୁକ୍ତି ଓ ଉଚ୍ଚଶିକ୍ଷା ଆଶାରେ ବହୁ ଲୋକ ଛୋଟ ଓ ବଡ ସହର ଆଡକୁ ଧାବମାନ ହେଉଛନ୍ତି । ସହରରେ ଛୋଟ ଛୋଟ ବସ୍ତି ଅନିୟନ୍ତ୍ରିତ ଭାବେ ଗଢିଉଠୁଛି । ସହରର ଜଳ, ରାସ୍ତା, ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଚାପ ପଡୁଛି । ପରିବେଶ ଦୂଷିତ ହେଉଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ପର୍ଯ୍ୟାବରଣ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ମଣିଷ ତଥା ପ୍ରକୃତି ମଧ୍ୟରେ ଥିବା ସମତୁଲ୍ୟତା ରକ୍ଷା କରାଯାଇ ପାରୁନାହିଁ । ଫଳରେ ତାପମାତ୍ରାରେ ବୃଦ୍ଧି, ବାତ୍ୟା, ବନ୍ୟା, ମରୁଡି ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ଦେଖାଦେଉଛି ।

ଜନସଂଖ୍ୟା ବୃଦ୍ଧି ଆମ ଦେଶର ପ୍ରଗତିର ପ୍ରଧାନ ଅନ୍ତରାୟ। ପରିବାର ନିୟୋଜନ, ନିରାପଦ ମାତୃତ୍ୱ , ଲିଙ୍ଗଗତ ସମାନତା ଓ ଜନ ସଶକ୍ତିକରଣ ଜରିଆରେ ଜନ ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିପାରିଲେ ଏହାର ସୁଫଳ ମିଳିପାରିବ। ଏଦିଗରେ ସାମୁହିକ ଉଦ୍ୟମ ଲୋଡା। ଖାଲି ସେତିକି ନୁହେଁ ଏ ବିଶାଳ ଜନସଂଖ୍ୟାକୁ ଗୁଣାତ୍ମକ କରିବା ହେଉଛି ବଡକଥା ଜନସଂଖ୍ୟାକୁ ସାମଗ୍ରିକ ଭାବେ କୁଶଳୀ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ମୁଣ୍ଡପିଛା ଆୟକୁ ବୃଦ୍ଧି କରିବା ପାଇଁ ପ୍ରୟାସ କରିବା ସହ ମାନବ ସମ୍ବଳର ସଦ୍‌ବିନିଯୋଗ କରିବା ଜରୁରୀ ୨୦୪୭ ସୁଦ୍ଧା ଆମକୁ ବିକଶିତ ଭାରତ ଆଡକୁ ଯିବା ପାଇଁ ସ୍ୱପ୍ନ ଦେଖୁଥିବାବେଳେ ଏସବୁ ଦିଗପ୍ରତି ଦୃଷ୍ଟିଦେବାକୁ ପଡିବ । ତାହାଲେ ଯାଇ ଏ ଜନସଂଖ୍ୟା ବୃଦ୍ଧି ପ୍ରଗତିର ବାଧକ ନହୋଇ ଜନବିକାଶରେ ସହାୟକ ହେବ । ଏକଥାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍।

ଅବସରପ୍ରାପ୍ତ ଅଧ୍ୟାପକ,
ତିର ୍ଲ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

# ଭାରତରେ ହେବାକୁ ଯାଉଛି ପୃଥିବୀର ସବୁଠାରୁ ବଡ଼ ସୌର ଶକ୍ତି ଉତ୍ପାଦନ କେନ୍ଦ୍ର


ପ୍ରଦୀପ୍ତ କୁମାର କର

ଭାରତର ଗୁଜୁରାଟ ପ୍ରଦେଶର ଖଭଡା ଯାହାକି କଚ୍ଛ ଲବନାଶକ୍ତ ଭୂମି ରେ ଅବସ୍ଥିତ ସେଠାରେ ହେବାକୁ ଯାଉଛି ପୃଥିବୀର ସବୁଠାରୁ ବଡ ସୌର ଶକ୍ତି ବା ଅକ୍ଷୟ ଶକ୍ତି ପ୍ଲାଣ୍ଟ ।ଏହାର ପରିସୀମା ପ୍ରାୟ ୭୨୬ ବର୍ଗ କିଲୋମିଟର ଓ ଏହା ଭାରତ , ପାକିସ୍ତାନ ସୀମା ରେ ଅବସ୍ଥିତ ।ଏହି ସ୍ଥାନରୁ ପ୍ରାୟ ୭୦ କିଲୋମିଟର ପରେ ହିଁ ଜନବସତି ଅଛି ।ଏହାର ସମାପ୍ତି ପରେ ଏହା ସିଙ୍ଗାପୁର ସହର ର ବରାବର ହେବ ।ରିପୋର୍ଟ ଅନୁସାରେ ଏହାର ଆକାର ଏତେ ବଡ ହେବ ଯେ ମହକାଶରୁ ମଧ୍ୟ ସ୍ପଷ୍ଟ ଏହା ଦୃଷ୍ଟିଗୋଚର ହେବ ।ଏହି ପ୍ଲାଣ୍ଟ ରୁ୩୦ ଗିଗା ୱାଟ ଶକ୍ତି ବାହାରିବ ଯାହା ଗୁଜୁରାଟ ଓ ଏହାର ପଡୋଶୀ ପ୍ରଦେଶ ।ମାନଙ୍କୁ ଦେଇ ପ୍ରାୟ ୧୮ ମିଲିୟନ ଲୋକଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦେଇ ହୋଇପାରିବ । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଯେତେବେଳେ ଗୁଜୁରାଟ ର ମୁଖ୍ୟମନ୍ତ୍ରୀ ଥିଲେ ସେତେବେଳ ଏହି ଜନ ମାନବ ଶୂନ୍ୟ ଅଞ୍ଚଳ କୁ କିପରି ମନୁଷ୍ୟ ର ହିତରେ ବିନିଯୋଗ କରାଯାଇ ପାରିବ ଚିନ୍ତା କରିଥିଲେ ଓ ଶେଷରେ ୨୦୨୦ ରେ ଏହାର ଶୁଭ ଦେଲେ ।ଏହି ପ୍ରୋଜେକ୍ଟ ର ୨୦ ଗୀଗା ୱାଟ ପାଇଁ ଭାରତର ଉଦ୍‌ଯୋଗୀ ଆଦାନୀ ଗ୍ରୁପ ର ଆଦାନୀ ଗ୍ରୀନ ଏନର୍ଜି କୁ ଓ ବାକି ୧୦ ଏଡ କାମ ପାଇଁ ଗୁଜୁରାଟ ଷ୍ଟେଟ ଇଲେକ୍ଟ୍ରିକାଲ କର୍ପୋରେସନ ଲିମିଟେଡ ଓ ନେସନାଲ ଥର୍ମାଲ ପାୱାର ଲିମିଟେଡ କୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି ।ବର୍ତ୍ତମାନ ଏହାର ସୋଲାର ପ୍ୟାନେଲ ବସାଇବା ,ସବ୍ ଷ୍ଟେସନ , ୱେରିଂ,ରାସ୍ତା ଆଦି କମ୍ ଅତି ଧୃତ ଗତିରେ ଚାଲୁ ରହିଛି ଯାହା କି ଆସନ୍ତା ୩ ବର୍ଷ ରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଶ୍ରୀ ରାଜେନ୍ଦ୍ର ମିସ୍ତ୍ରୀ ଯିଏକି ଗୁଜୁରାଟ ପାୱାର କର୍ପୋରେସନ ଲିମିଟେଡ ର ମୁଖ୍ୟ ଏହାର ପ୍ରୋଜେକ୍ଟ ଅଫିସର ଅଛନ୍ତି ତାଙ୍କ ପ୍ରତ୍ୟକ୍ଷ ତଦାରଖ ରେ କାର୍ଯ୍ୟ ଚାଲୁ ରହିଛି। ଏହି ସ୍ଥାନରେ ସୋଲାର ପ୍ଲାଣ୍ଟ ହେବାର କାରଣ ।ଏହି ଯେ ଏଠାରେ ସୂର୍ଯ୍ୟର ତାପ ଅତ୍ୟନ୍ତ ପ୍ରଖର ପ୍ରାୟ ୩୫ ଡିଗ୍ରୀ ସେଲସିୟସ ଥାଏ , ଏହାର ପ୍ରାୟ ୩୫ କିଲୋମିଟର ଦୂରରେ ହିଁ ଶେଷ ଜନ ବସତି ଅଛି । ଏଠାରେ ମଧ୍ୟ ପ୍ରଚୁର ପବନ ସବୁ ସମୟରେ ବୋହୁଥିବାରୁ ଭବିଶ୍ୱତ ରେ ମଧ୍ୟ ଏଠାରେ ୱିଣ୍ଡୋ କଳ ବସାଇ ବିଦ୍ୟୁତ୍ ଉତ୍ପାଦନ କରି ଯାଇପାରିବ । ଶ୍ରୀ ମିସ୍ତ୍ରୀ ଙ୍କ କହିବା କଥା ହେଲା ଯେ ଯଦି ସବୁ ସୁରୁଖୁରୁ ରେ ଚାଲେ ତେବେ ୨୦୨୪ ଶେଷ ସୁଦ୍ଧା ଏଠାରୁ ପ୍ରାୟ ୧୫ ଶଙ୍ଗ ଶକ୍ତି ବାହାରି ପାରିବ । ଦେଶର ବଡ ବଡ ଛ ଗୋଟି ଉଦ୍‌ଯୋଗୀ ମାନଙ୍କୁ ଏହାର ସମସ୍ତ ଉନ୍ନତି ଓ ଶକ୍ତି ଉତ୍ପାଦନ ର ଦାୟିତ୍ୱ ଦିଆଯାଇଛି । ୨୦୧୪ ରେ କେନ୍ଦ୍ର ସରକାର ସୌର ଶକ୍ତି ଓ ମେଗା ସୋଲାର ପାୱାର ପ୍ରୋଜେକ୍ଟ ଯୋଜନାରେ ସାରା ଦେଶରେ ୫୦ ଟି ସୋଲାର ପାୱାର ପ୍ରୋଜେକ୍ଟ କରିବାକୁ ଲକ୍ଷ୍ୟ ରଖିଥିଲେ ଯାହାକି ପ୍ରତି ପ୍ଲାଣ୍ଟ ରୁ ୫୦୦ ମେଗା ୱାଟ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ ରଖିଥିବା ବେଳେ ତାହା ୨୦୧୭ ରେ ୪୦୦୦୦ମେଗା ୱାଟ କୁ ବୃଦ୍ଧି କରାଯାଇଛି । ଏହି ଜାଗାଟି ବର୍ତ୍ତମାନ ବିଏସଏଫ ନିୟନ୍ତ୍ରଣାଧୀନ ଯେହେତୁ ଏହା ଭାରତ ଓ ପାକିସ୍ତାନ ସୀମାନ୍ତ ଅଞ୍ଚଳ । ଏହି ପ୍ଲାଣ୍ଟ କୁ ଛାଡି ଭାରତ ୨୦୩୦ ରେ୨୮୦ ଏଡ ସୌର ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ ରଖି କିଛି ନୂତନ ନିୟମ କରିବାକୁ ଯାଉଛି। ମେରକମ୍ ନାମକ ଏକ କମ୍ପାନୀ ଯିଏକି ଏହି ସୋଲାର ସିଷ୍ଟମ୍ ଉପରେ ବର୍ଷକୁ ଦୁଇଟି ପର୍ଯ୍ୟାୟରେ ସମସ୍ତ ତଥ୍ୟ ପ୍ରଦାନ କରୁଛି ଏହାର ସମ୍ପୂର୍ଣ୍ଣତରେ କିପରି ହେବ ତାହା ଦର୍ଶାଯାଇଛି । ସୋଲାର ପାୱାର କୁ ଉତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଙ୍କ ପ୍ରତି ଘରେ ସ୍ୱଚ୍ଛନ୍ଦ୍ୱଳ ସ୍ୱଚ୍ଛନ୍ଦ୍ର ସୋଲାର ପାୱାର ପ୍ରୋଜେକ୍ଟ ଏକ ବିରାଟ ଆହ୍ୱାନ । ଏହା ବ୍ୟତୀତ ରାଜସ୍ଥାନ ର ଭାଦଲା ରେ ମଧ୍ୟ ୨୦୩୦ ସୁଦ୍ଧା ସୋଲାର ପାୱାର ପ୍ରୋଜେକ୍ଟ ଯାହାକି ପ୍ରାୟ ୫୦୦ ଏଡ ଶକ୍ତି ଉତ୍ପାଦନ କରିବାର ଲକ୍ଷ ରଖି କାର୍ଯ୍ୟ ଆରମ୍ଭ ହୋଇଛି । ନିକଟରେ ଭାରତ ର ଏମ ଚିନ୍ନାସ୍ୱାମି ବେଙ୍ଗାଲୁରୁ ର କ୍ରିକେଟ ଷ୍ଟାଡିୟମ୍ କୁ ୪୦୦ଲଙ୍ଗ ସୋଲାର ପାୱାର ରେ ରୂପାନ୍ତରିତ କରାଯାଇଛି ।ଏହା ସାରା ପୃଥିବୀରେ ପ୍ରଥମ । ତେବେ ସେ ଯାହା ହେଉ ଭାରତ ବର୍ତ୍ତମାନ ସୋଲାର ପାୱାର ପ୍ରୋଜେକ୍ଟ ଉପରେ ଅଧିକ ସଚେତନତା ସୃଷ୍ଟି କରୁଛି ଓ ଏଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ଉଦ୍‌ଯୋଗୀ ମାନେ ଅଂଶ ଗ୍ରହଣ କରିବାକୁ ଆଗେଇ ଆସୁଛନ୍ତି ଯାହା କୁ ଏକ ନିହାତି ଶୁଭ ସଂକେତ ।ଏହି ସୋଲାର ପାୱାର ପ୍ରୋଜେକ୍ଟ ଗୁଡ଼ିକ ପ୍ରତିଷ୍ଠା ହେଲେ ଜଳ ବିଦ୍ୟୁତ୍ ଉତ୍ପାଦନ ଓ କୋଇଲା ଭିତ୍ତିକ ପ୍ଲାଣ୍ଟ ରେ ଜଳବାୟୁ ଜନିତ ଯେଉଁ ବିଭ୍ରାଟ ହେଉଛି ତାହା ତାହା ସତ୍ତ୍ୱେ ଲୋକଙ୍କ ବିଦ୍ୟୁତ୍ ଉତ୍ପାଦନ ଓ ବ୍ୟବହାର ଉପରେ କୌଣସି ଅସୁବିଧା ରହିବ ନାହିଁ। ଏଥି ପାଇଁ ଆମ ଦେଶର ଇଂଜିନିୟର ମାନେ ଏହାକୁ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅକ୍ଳାନ୍ତ ପରିଶ୍ରମ କରି ଚାଲିଛନ୍ତି । ଯଦି ଆମ ଦେଶର ପ୍ରଧାନମନ୍ତ୍ରୀ ଯେଉଁ ସୌର ଶକ୍ତି ର ବିନିଯୋଗ କିପରି ପ୍ରତି ଘରେ ଘରେ ହୋଇ ପାରିବା ସମସ୍ତଙ୍କୁ ଉତ୍ସାହିତ କରୁଛନ୍ତି ଏହାକୁ ଭିତ୍ତି କରି ଯଦି ପ୍ରତ୍ୟେକ ପ୍ରଦେଶ ର ମୁଖ୍ୟମନ୍ତ୍ରୀ ମାନେ ନିଜ ନିଜ ରାଜ୍ୟରେ ଏହି ସୌର ଶକ୍ତି ଉତ୍ପାଦନ କୁ ଉତ୍ସାହିତ କରନ୍ତେ ତେବେ ଜଳ ବିଦ୍ୟୁତ୍ ଓ କୋଇଲା ଭିତ୍ତିକ ପ୍ଲାଣ୍ଟ ରୁ ଉତ୍ପାଦିତ ଶକ୍ତି ଉତ୍ପାଦନ ଉପରେ ଥିବା ଚାପ୍ ଅନେକ ପରିମାଣ ରେ ହ୍ରାସ ହୁଅନ୍ତା ଓ ଲୋକ ମାନେ ଅନେକ ସୁବିଧାରେ ଓ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଶକ୍ତି ପାଇପାରନ୍ତେ । ଭବିଶ୍ୱତ ରେ ମଧ୍ୟ ସୌର ଶକ୍ତି ସମ୍ପନ୍ନ ଟ୍ରେନ ଚଳାଇବାକୁ ଯୋଜନା ରଖାଯାଇଛି । ଏ ସବୁ କେବଳ ଦେଶର ଉନ୍ନତି ପାଇଁ ଗୋଟିଏ ଗୋଟିଏ ସ୍ତର ଯାହାକୁ କି ପ୍ରତ୍ୟେକ ଭାରତବାସୀ ପୂର୍ଣ୍ଣ ହୃଦୟ ରେ ସହଯୋଗ କରିବା ଉଚିତ୍।

*ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର*
*ଭୁବନେଶ୍ୱର*
*୯୮୬୧୦୭୫୪୦୪*




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ୱା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି। ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରରେ କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଦୁଇ ପଞ୍ଚାୟତରେ ଦିଗପହଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ଙ୍କ ମାରାଥନ ପ୍ରଚାର

କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର): ୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ଜୋର ଧରିଛି ବିଭିନ୍ନ ଦଳ ର ନେତା ଙ୍କ ପ୍ରଚାର ସେହି ପରି ବିଜେଡି ପାର୍ଥି ଙ୍କ ପ୍ରଚାର ମଧ ଜୋର ଧରିବା ସାଧାରଣ ଜନତା ମୁହଁ ରେ ଚର୍ଚ୍ଚା ଜୋର ଧରିଛି । ବୁଧବାର ଦିନ ଅପରାହ୍ନ ସମୟ ରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପାର୍ଥି ବିପ୍ଳବ ପାତ୍ର ନିଜ ସମର୍ଥକ ଙ୍କ ସହ ମିଶି କୁକୁଡାଖଣ୍ଡି ବ୍ଲକ ଅଧିନରେ ଥିବା ଡେଙ୍ଗାପଦର ପଞ୍ଚାୟତ ସ୍ଥିତ ମାଁ କୁରେଇଶୁଣି ଙ୍କ ଆଶିର୍ବାଦ ଭିକ୍ଷା କରି ମନ୍ଦିର ନିକଟ ରୁ ଦଳୀୟ କର୍ମୀ ଓ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ବିରାଟ ପଟୁଆରରେ ବାହାରି ଘର ଘର ଓ ପଞ୍ଚାୟତ ଅଧିନସ୍ଥ ରେ ଥିବା ବିଭିନ୍ନ ଗ୍ରାମ କୁ ବୁଲି ଭୋଟ ଭିକ୍ଷା କରିବା ସହ ନିର୍ବାଚନୀ ପ୍ରଚାର ଝୋର ଜାର କରିଛନ୍ତି । ଓ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଲୋକଙ୍କୁ ବୁଝାଇବା ଶହ ଲୋକଙ୍କ ପାଖରେ ସେହି ଯୋଜନା ଗୁଡିକ ପହଁଚୁଛି କି ନାହିଁ ତାହା ମଧ ପଚାରିବୁଝିଥିଲେ। ଓ ସେହିପରି ଦକ୍ଷିଣପୁର ଅଧିନରେ ଥିବା ବିଭିନ୍ନ ଗ୍ରାମ ଓ ସାହି ପରିକ୍ରମା କରି ନିର୍ବାଚନୀ ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପାର୍ଥି ବିପ୍ଳବ ପାତ୍ର ଙ୍କ ସହ କୁକୁଡାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷ ପ୍ରସାଦ ପାତ୍ର, ଉପାଧାକ୍ଷା ବିଷ୍ଣୁପ୍ରିୟା ପାତ୍ର, ବ୍ଲକ ବିଜେଡି ସଭାପତି ସୀତାରାମ ସାହୁ, ଜିଲ୍ଲାପରିଷଦ ସଭ୍ୟା ଶିବାନୀ ସେଠୀ , ସ୍ଥାନୀୟ ଦୁଇ ସରପଞ୍ଚ ଲକ୍ଷ୍ମୀ ମାହାକୁଡ, ଦେବାଶିଷ ସେଠୀ, ବ୍ଲକ ବିଜେଡି ବରିଷ୍ଠ ନେତା ଉଦୟ ବେହେରା, କୈଳାସ ବିଷୋୟୀ, ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସରପଞ୍ଚ ଓ ସମିତି ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ବିଜେଡ଼ି କର୍ମୀ ଓ ଜନସାଧାରଣ ଉପସ୍ଥିତ ରହିଆସିଥିଲେ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି।। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ। ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ। କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି। ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି। ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ। ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ। ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ।

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## କୁସୁନପୁର ଗ୍ରାମରେ ଶ୍ରୀଜଗନ୍ନାଥ କଥାମୃତ

ପାରାଦୀପ,(ପି.ଏନ): ଓଁ ଶ୍ରୀବାସୁଦେବ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ କୁସୁନପୁରଠାରେ ଶ୍ରୀଜଗନ୍ନାଥ କଥାମୃତ ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ, ପୁରୀ ଦ୍ୱାରା ସମାପିତ ହୋଇଯାଇଛି । ଟ୍ରଷ୍ଟର ସମ୍ପାଦକ ପ୍ରସନ୍ନ କୁମାର ବେଉରା,ଟ୍ରଷ୍ଟି ପ୍ରମୋଦ କୁମାର ବେଉରା, ପ୍ରଫୁଲ୍ଲ କୁମାର ବେଉରା, ପ୍ରତାପ କୁମାର ବେଉରା ଓ ପ୍ରବୀଣ କୁମାର ବେଉରାଙ୍କ ମାତା ପ୍ରମିଳା ବେଉରରାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ ଉପଲକ୍ଷେ ଆୟୋଜିତ ଏହି ଭବ୍ୟ ସମାରୋହରେ ନିଗମ କଳ୍ପତରୁ ଆଶ୍ରମର ମଠାଧିଶ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବିଶ୍ୱାବସୁ ଦଇତାପତି ବିନାୟକ ଦାସମହାପାତ୍ର,ଆଦିତ୍ୟ ବାହିନୀର ରାଷ୍ଟ୍ରିୟ ମାର୍ଗଦର୍ଶକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ମହାସଚୀବ ଡଃ. ଶୁଭେନ୍ଦୁ ସ୍ୱାଇଁ, ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ କଟକ ଜିଲ୍ଲା ସଙ୍ଗଠକ ପଣ୍ଡିତ ଲିଙ୍ଗରାଜ ପତି, ଦଇତାପତି ଅନାଥ ଦାସମହାପାତ୍ର, ପୁରୀ ମୁକ୍ତିମଣ୍ଡପର ପଣ୍ଡିତ ରାମକୃଷ୍ଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଷ୍ଣୁ ସହସ୍ରନାମ, ଶ୍ରୀମଦ୍ ଭଗବତ ଗୀତା ଓ ହନୁମାନ ଚାଳିଶା ଆଦି ପାଠ ହୋଇଥିଲା । ଆଜିକାଲି ବାପାମାଆଙ୍କୁ ବୃଦ୍ଧାଶ୍ରମରେ ଛାଡି ଆସି ଯୁବପିଢି ସେମାନଙ୍କୁ ସମ୍ପୂର୍ଣ୍ଣ ଭୁଲି ଯାଉଛନ୍ତି । ଟ୍ରଷ୍ଟର ସମ୍ପାଦକ ଓ ଟ୍ରଷ୍ଟିମାନେ ସେମାନଙ୍କ ମାଆଙ୍କ ଅମର ସ୍ମୃତି ଉଦ୍ଦେଶ୍ୟରେ ଏହି ଭବ୍ୟ ଓ ଦିବ୍ୟ କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ଅତିଥିମାନେ ସେମାନଙ୍କୁ ସାଧୁବାଦ ଜଣାଇଥିଲେ । ଏହା ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ଦୃଷ୍ଟି କରିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜର ଉନ୍ନତି ଓ ଲୋକମାନଙ୍କ ସେବା କରିବା ଓଁ ଶ୍ରୀବାସୁଦେବ ଫାଉଣ୍ଡେସନ୍ ଟ୍ରଷ୍ଟର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମ୍ପାଦକ ପ୍ରସନ୍ନ କୁମାର ବେଉରା କହିଛନ୍ତି । ଆଜିର ଯୁବ ସମାଜ ପଥଭ୍ରଷ୍ଟ ନ ହୋଇ ପ୍ରଥମେ ନିଜ ପିତାମାତାଙ୍କୁ ଭକ୍ତି କରିବାକୁ ସେ ପରାମର୍ଶ ଦେଇଛନ୍ତି ।

## ବାଣୀବିହାର ୮୦ରେ ଜଳଛତ୍ର

ଭୁବନେଶ୍ୱର,(ପି.ଏନ):ଆଜି ପୂର୍ବାହ୍ନରେ କିଟ୍ ରାସ୍ତାକଡ଼ରେ ବାଣୀବିହାର ୮୦ ଦ୍ୱାରା ଏକ ଜଳଛତ୍ର ଖୋଲାଯାଇ ତୃଷାର୍ତ୍ତଙ୍କୁ ଶୀତଳ ଜଳ, ଓଆରଏସ ଦ୍ରବଣ ଓ ଘୋଳଦହି ବିତରଣ କରାଯାଇଥିଲା । ମାରୁତିଭିଲ୍ଲାର ମହିଳା ଫୋରମ୍ ଏହି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ । ବାଣୀବିହାର ୮୦ ସଂଗଠନର ସମ୍ପାଦକ ଶ୍ରୀ ଆଶୁତୋଷ ଦାଶ ଓ କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ ଶ୍ରୀ ପ୍ରତୀପ ମିଶ୍ର ଜଳଛତ୍ରକୁ ପରିଚାଳନା କରିଥିଲେ ।

## ଏଚ୍‌ଡିଏଫସି ବ୍ୟାଙ୍କ ପେଜ୍ୟାପକୁ ସିଲେଣ୍ଟ ମଡେଲ ଆପ ଆୱାର୍ଡ

ଭୁବନେଶ୍ୱର,(ପି.ଏନ): ଅଗ୍ରଣୀ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫସି ବ୍ୟାଙ୍କର ମୋବାଇଲ ଆପ ପେଜ୍ୟାପ ସିଲେଣ୍ଟ ମଡେଲ ଆପ ଆୱାର୍ଡ ହାସଲ କରିଛି । ସିଲେଣ୍ଟ ମଡେଲ ବ୍ୟାଙ୍କ ଆୱାର୍ଡ କାର୍ଯ୍ୟକ୍ରମରେ ପେମେଣ୍ଟ ଇନୋଭେସନ କ୍ଷେତ୍ରରେ ପେଜ୍ୟାପ ଏଭଳି ପୁରସ୍କାର ହାସଲ କରିଛି । ବ୍ୟାଙ୍କିଙ୍ଗ ଟେକ୍ନୋଲୋଜି କ୍ଷେତ୍ରରେ ସର୍ବୋତ୍ତମ କାର୍ଯ୍ୟପନ୍ଥା ଗ୍ରହଣ କରିଥିବା ଅନୁଷ୍ଠାନ ଗୁଡିକୁ ପ୍ରୋତ୍ସାହିତ କରିବା ଦିଗରେ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଆୱାର୍ଡ ଲାଗି ବିଶ୍ୱର ୩୬ ଦେଶର ୧୪୦ରୁ ଉର୍ଦ୍ଧ୍ୱ ନାମାଙ୍କନ ହୋଇଥିବା ବେଳେ ୧୯ଟି ସଂସ୍ଥା ଚୂଡାନ୍ତ ପର୍ଯ୍ୟାୟରେ ପୁରସ୍କୃତ ହୋଇଛି । ବ୍ୟବସାୟିକ ଲାଭ, ଉଦ୍ଭାବନର ସ୍ତର ଏବଂ ଜ୍ଞାନକୌଶଳ ଉତ୍କର୍ଷତା ଆଧାରରେ ଅନୁଷ୍ଠାନ ଗୁଡିକୁ ଚୟନ କରାଯାଇଛି । ପେଜ୍ୟାପକୁ ମିଳିତ ଭାବେ ଏଚ୍‌ଡିଏଫସି ବ୍ୟାଙ୍କ ଏବଂ ଜେଟା ବିକଶିତ କରିଛନ୍ତି । ୨୦୨୩ ମାର୍ଚ୍ଚରେ ଶୁଭାରମ୍ଭ ହେବାପର ଠାରୁ ତ୍ୱରିତ ଭାବେ ୬୦ ଲକ୍ଷ ଗ୍ରାହକ ହାସଲ କରି ପାରିଛି । ୫ ଲକ୍ଷ ଗ୍ରାହକ ଏହାକୁ ରେଟିଂ ପ୍ରଦାନ କରିଛନ୍ତି । ଭାରତୀୟ ଆପ ଗୁଡିକ ମଧ୍ୟରେ ଏହା ଏକ ଟପ ରେଟିଂ ପାଇଥିବା ଆପ । ଏହି ଅବସରରେ ଏଚ୍‌ଡିଏଫସି ବ୍ୟାଙ୍କର ଡିଟୁସି ଗ୍ରାହକ ବାଣିଜ୍ୟ ମୁଖ୍ୟ ତଥା ଗ୍ରୁପ ମୁଖ୍ୟ ରବି ସନ୍ତୁନାମ କହିଛନ୍ତି, ଗ୍ରାହକଙ୍କ ପରିବର୍ତ୍ତିତ ଚାହିଦାକୁ ନଜରରେ ରଖି ସର୍ବୋତ୍ତମ ସେବା ଯୋଗାଣ ଦିଗରେ ଏହି ଆୱାର୍ଡ ଆମ ପ୍ରତିବଦ୍ଧତାକୁ ଦୋହରାଉଛି । ଡିଜିଟାଲ ରୂପାନ୍ତରଣ କ୍ଷେତ୍ରରେ ଏହା ଏକ ଅନନ୍ୟ ପଦକ୍ଷେପ । ଜେଟାର ସହପ୍ରତିଷ୍ଠାତା ରାମକୀ ଗଡିପତି କହିଛନ୍ତି, ଏଚ୍‌ଡିଏଫସିସହ ମିଳିତ ହୋଇ ଗ୍ରାହକଙ୍କୁ ପେମେଣ୍ଟ ବିକଳ୍ପ ପ୍ରଦାନ କରାଯାଇଛି ।

## ୧୦ରେ ନାମାଙ୍କନ ଭରିବେ ବୈଜୟନ୍ତ ପଣ୍ଡା




କେନ୍ଦ୍ରାପଡ଼ା,(ପି.ଏନ): ଆସନ୍ତା ୧୦ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବେ ବିଜେପିର କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା। କେନ୍ଦ୍ରାପଡ଼ାରୁ ଦୁଇ ଦୁଇ ଥର ସାଂସଦ ହୋଇଥିବା ଶ୍ରୀ ପଣ୍ଡା ବର୍ତ୍ତମାନ ବିଜେପିର ରାଷ୍ଟ୍ରୀୟ ଉପାଧକ୍ଷ ଦାୟିତ୍ୱରେ ରହିବା ସହିତ ଉତ୍ତରପ୍ରଦେଶ, ଦିଲ୍ଲୀ ଓ ଆସାମ ଭଳି ରାଜ୍ୟର ପ୍ରଭାରୀ ଦାୟିତ୍ୱରେ ଅଛନ୍ତି। ଏଥି ସହିତ ବିଜେପିର ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ପ୍ରଭାରୀ ଦାୟିତ୍ୱରେ ଅଛନ୍ତି। ଆଜି ସ୍ଥାନୀୟ ଗରାପୁର ସ୍ଥିତ ସ୍ୱୟଂସିଦ୍ଧା ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ଜିଲ୍ଲା ଉପସଭାପତି ସଞ୍ଜୟ ରଥ, ଅଭିମନ୍ୟୁ ଗୋଛାୟତ, ଜିଲ୍ଲା ମିଡିଆ ସେଲ ପ୍ରମୁଖ ନେହେରୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଏ ବିଷୟରେ ସୂଚନା ଦେଇଛନ୍ତି। ସେମାନେ ଆହୁରି ମଧ କହିଛନ୍ତି ଯେ ବୈଜୟନ୍ତ ପଣ୍ଡା ସାଂସଦ ଥିବା ସମୟରେ କେନ୍ଦ୍ରାପଡ଼ାକୁ ରେଳ ଚଳାଚଳ ସୁବିଧା ଆଣିବାରେ ପ୍ରମୁଖ ଭୂମିକା ନିର୍ବାହ କରିବା ସହିତ ଜିଲ୍ଲାର ପାନୀୟ ଜଳ ସମାଧାନ ପାଇଁ ଓଭର ହେଡ ପାଣି ଟାଙ୍କି ନିର୍ମାଣ, ଯୁବକ ମାନଙ୍କ କ୍ରୀଡାର ବିକାଶ ପାଇଁ ମିନି ଷ୍ଟାଡିୟମ୍ ଭଳି ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ମାନ କରିଥିଲେ। ସଂସଦୀୟ କ୍ଷେତ୍ରର ବନ୍ୟା , ବାତ୍ୟା ଘରପୋଡି ଭଳି ପ୍ରାକୃତିକ ଦୈବୀ ଦୁର୍ବିପାକ ହେଉ କିମ୍ବା ଦୁର୍ଘଟଣାରେ ମୃତକଙ୍କ ପରିବାର ନିକଟରେ ପହଂଚି ସହାୟତାର ହାତ ବଢାଇଛନ୍ତି ଏବଂ କାର୍ଯ୍ୟ କରୁଥିବା ସମୟରେ ଦେଶ ତଥା ବିଦେଶରେ ଫସି ରହିଥିବା ଯୁବକ ମାନଙ୍କୁ ନିଜ ଜନ୍ମସ୍ଥାନକୁ ଫେରାଇ ଆଣିବାପାଇଁ ଜିଲ୍ଲା ବାସୀ ଶ୍ରୀ ପଣ୍ଡାଙ୍କ ସହାୟତା ଲୋଡ଼ିଥାନ୍ତି ବୋଲି କହିଥିଲେ।

## ଯୁବନେତା ହିମାଂଶୁ ସାହୁଙ୍କ ରୋଡ୍‌ସୋ’

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪ନମ୍ବର ଜୋନ୍‌ରେ ବିଜେପି ଯୁବନେତା ହିମାଂଶୁ ଶେଖର ସାହୁ(ଲିକୁ)ଙ୍କ ରୋଡ୍‌ସୋ’ ଆରମ୍ଭ ହୋଇଛି । ଚହଟା ପଂଚାୟତ ଭାଲୁଖାଇ ଗାଁ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବିଭିନ୍ନ ଛକବଜାର ଓ ଗାଁ ପରିକ୍ରମା କରିଥିଲା । ଶତାଧିକ ବାଇକ୍ ଓ କାର୍‌ରେ କର୍ମୀମାନେ ବାହାରି ଲିକୁଙ୍କ ସପକ୍ଷରେ ସ୍ଲୋଗାନ୍ ଦେଇଥିଲେ । ଭାଲୁଖାଇ ଗାଁ, ଚହଟା, ଧର୍ମଶାଳା ବଜାର, ଚୋରମୁହାଁ ପଂଚାୟତର ବଡ଼ମଙ୍ଗଳପୁର, ବାଲିଗରି, ନାଉପାଳ, ଶାନ୍ତିବଜାର, ଅଭୟପୁର ପଂଚାୟତର ଅଚ୍ୟୁତପୁର, ସେବତୀପୁର, ଦିଗମ୍ବରପୁର, ରତନପୁର, ଅଭୟପୁର, ଜାରକା ପଂଚାୟତର ଉତର ଶାସନ, ଦକ୍ଷିଣଶାସନ, ଶଙ୍ଖାରିଡ଼ିହ, ଦୁବଗଡ଼ିଆ ଓ ଜାରକା ବଜାରରେ ରୋଡ୍‌ସୋ’ ହୋଇଥିଲା । ବିଭିନ୍ନ ସ୍ଥାନରେ ଯୁବନେତା ଶ୍ରୀ ସାହୁଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଧର୍ମଶାଳାରେ ଦୁର୍ନୀତିମୁକ୍ତ ଓ ସୁଶାସନ ଆଣିବାପାଇଁ ଲିକୁ ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ । ବିଜେପି ଜିଲ୍ଲା କୃଷକମୋର୍ଚ୍ଚା ଉପସଭାପତି ଉପେନ୍ଦ୍ର କର, କାର୍ଯ୍ୟକର୍ତା ଚନ୍ଦ୍ରମଣି ପଣ୍ଡିତ, ଆଲୋକ ଲେଙ୍କା, ଶରତ ଓଝା, ନାରାୟଣ ମଲିକ, ପ୍ରମୋଦ ପଲେଇ, ବିଭୁରଂଜନ ରାଉତ, ଆଦିତ୍ୟ ସାମଲ, ନରେନ୍ଦ୍ର ମହାନ୍ତି, ସଂଜିତ୍ ରାଉତ, ଅନୁପ ପ୍ରଧାନ, ରଶ୍ମିକାନ୍ତ ସାମଲ, ଦିନେଶ ମହାନ୍ତି, ରାକେଶ ରାଉତ, ଲୋକନାଥ ମହାନ୍ତି, ହିମାଂଶୁ ଶେଖର ମହାନ୍ତି, ତପନ ସେଠୀ, ଆଲୋକ ପ୍ରଧାନ, ରବୀନ୍ଦ୍ର ବରାଳ, ଅଭିଷେକ ରାଉତ, ସଂଗ୍ରାମ ସାମଲ, ସୁଜାତା ମହାନ୍ତି, ସୁଷମା ଜେନା, ଲିପି ପଣ୍ଡା, ସୁନି ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି ଓ ପିଙ୍କି ପ୍ରିୟଦର୍ଶିନୀ ଯୋଗଦେଇ ବିଜେଡ଼ି ସରକାରର ଅପାରଗତା ଓ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି କରିଥିଲେ । ଯୁବ ସଂଗଠକ ରାଜେଶ୍ କୁମାର ପାଳ, ଗୌତମ କୁମାର ସାହୁ, ବିଶ୍ୱଜିତ୍ ପୃଷ୍ଟି, ସୁଧୀର ବେହେରା, ଅଂଶୁମାନ ରଥ, ତପନ କୁମାର ନାଥ, ରାଜକିଶୋର ସ୍ୱାଇଁ, ରମେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଭବାନୀପୁର ପଂଚାୟତ ଚାନ୍ଦପୁର ଗ୍ରାମର ଅଭିରାମ ନାୟକଙ୍କ ପୁଅ ଶ୍ରୀକାନ୍ତ(୩୨)ଙ୍କ ସୋର ଅଂଚଳରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି । ଗ୍ରାମର ବାବାଜି ମଲିକ ଗତ ୮ତାରିଖରେ ଶ୍ରୀକାନ୍ତ ଓରଫ୍ କାଳିଆଙ୍କୁ ଏକ ବିବାହ ଉତ୍ସବରେ ଯୋଗ ଦେବାପାଇଁ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଂଚଳର ଏକ ମନ୍ଦିରକୁ ନେଇ ଯାଇଥିଲେ । ବାବାଜି ସେଠାରେ ରହି ଯାଇଥିବା ବେଳେ ଶ୍ରୀକାନ୍ତ କାଏମା ଅଂଚଳର ଜଣେ ଅଟୋଚାଳକଙ୍କ ସହିତ ରାତିରେ ଘରକୁ ଫେରୁଥିଲେ । ଫେରିବା ବାଟରେ ସୋର ନିକଟ ଏକ ଢାବାରେ ଉଭୟ ଖିଆପିଆ କରିଥିଲେ । ତେବେ ସେଠାରେ ଅଟୋଚାଳକ ଶ୍ରୀକାନ୍ତଙ୍କୁ ନପାଇବାରୁ ଏକୁଟିଆ ଅଟୋରେ ଫେରି ଆସିଥିଲେ । ତେବେ ତାଙ୍କ ମୋବାଇଲ୍ ସୁଇଚ୍ ଅପ୍ ହୋଇ ଯାଇଥିବାରୁ ସେ ଏ ସଂପର୍କରେ କାହାରିକୁ କିଛି ଜଣାଇପାରି ନଥିବା ପୁଲିସ୍ ନିକଟରେ ବୟାନ ଦେଇଛନ୍ତି । ତେବେ ଗତକାଲି ରାତି ପ୍ରାୟ ୧୨ଟାରେ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା ଯେ, ଶ୍ରୀକାନ୍ତ ସୋର ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଖବରପାଇ ସଂପର୍କୀୟମାନେ ଯାଇ ଦେଖନ୍ତି ତ’ ସେଠାରେ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଛି । ସ୍ଥାନୀୟ ବିଦ୍ୟୁତ୍ ଛକ ନିକଟରେ ମୁର୍ମୁଷୁ ଅବସ୍ଥାରେ ପଡ଼ିଥିବା ବେଳେ କେତେକ ବ୍ୟକ୍ତି ନେଇ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିବା କୁହାଯାଇଥିଲା । ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଏକାଧିକ କ୍ଷତ ଚିହ୍ନ ଓ ମାଡ଼ ଦାଗ ରହିଛି । ଏଣୁ ତାଙ୍କୁ ହତ୍ୟା କରାଯାଇଥିବା ଥିବା ସନ୍ଦେ କରାଯାଉଛି ।

## ଓଡ଼ିଶା ଲଳିତ କଳା ଏକାଡେମୀଦ୍ୱାରା ଚିତ୍ରଶିଳ୍ପୀ ଦୀନନାଥ ପାଠୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଦିବଙ୍ଗତ ଚିତ୍ରଶିଳ୍ପୀ ତଥା କଳା ଐତିହାସିକ ଡ. ଦୀନନାଥ ପାଠୀଙ୍କ ଜୟନ୍ତୀ ଏକାଡେମୀ ପରିସରରେ ପାଳିତ ହୋଇଯାଇଛି ।ଜୟନ୍ତୀ ଅବସରରେ ଏକାଡେମୀ ସଭାପତି, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ,ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ,ଉପ ନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ, ଉପ ନିର୍ଦ୍ଦେଶକ ଦେବାନନ୍ଦ ବରିହା,ଓଡ଼ିଶା ଭାଷା ପ୍ରତିଷ୍ଠାନର ଉପ ନିର୍ଦ୍ଦେଶକ ଫଣିନ୍ଦ୍ର ଭୂଷଣ ନନ୍ଦ,ଏକାଡେମୀ ସଚିବ ପଞ୍ଚାନନ ସାମଲ ଏବଂ ଅନ୍ୟ ଅଧିକାରୀ ମାନେ ଶିଳ୍ପୀଙ୍କ ତୈଳ ଚିତ୍ରରେ ପୁଷ୍ପାଞ୍ଜଳି ପୂର୍ବକ ସ୍ମୃତି ଚାରଣ କରିଥିଲେ। ଡ. ଦୀନନାଥ ପାଠୀ ଓଡ଼ିଶାର କଳା ଆନ୍‌ଦୋଳନର ଜଣେ ସୁଦକ୍ଷ ବିନ୍ଧାଣି ଥିଲେ ।ସେ ଥିଲେ ବିଭୂତି କାନୁନଗୋ ଚାରୁ କଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ।ତାଙ୍କର କଳା ଶିକ୍ଷା ଖଲିକୋଟ ସରକାରୀ କଳା ମହାବିଦ୍ୟାଳୟରେ ହୋଇଥିଲା ।ତାଙ୍କର ଅନେକ ଛାତ୍ର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠା କରିବା ସହିତ ଓଡ଼ିଶାର ଟେକ ରଖିଛନ୍ତି ।ସେ ଓଡ଼ିଶା ଲଳିତ କଳା ଏକାଡେମୀର ସର୍ବୋଚ୍ଚ ସମ୍ମାନ ଧର୍ମପଦ ପୁରସ୍କାରରେ ସମ୍ମାନିତ ।ସେ ଏକାଡେମୀର ସଭାପତି ପଦରେ ରହି ଓଡ଼ିଶାର କଳା କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।ଜଳରଙ୍ଗ ଚିତ୍ର ଏବଂ ଆଧୁନିକ ଚିତ୍ର ଶୈଳୀରେ ଚିତ୍ର ଅଙ୍କନ କରି ସେ ଦେଶ ଓ ବିଦେଶରେ ଓଡ଼ିଶାର ସୁନାମ ଆଣିଛନ୍ତି ।ଜୟନ୍ତୀ ଅବସରରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷ ଶିଳ୍ପୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ନାମାଙ୍କନ ପତ୍ର ଦାଖଲ କଲେ କାକଟପୁର ବିଜେପି ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ

କାକଟପୁର (ପି.ଏନ):, ପୁରୀଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥି ଭାବେ ବାଇଧର ମଲ୍ଲିକ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଗୁରୁବାର ଦିନ ଏକ ବିରାଟ ପଟୁଆରରେ ହଜାର ହଜାର ସମର୍ଥକ ଓ ଦଳୀୟ ନେତାମାନଙ୍କ ସହିତ ଏକ ସୁସଜ୍ଜିତ ଗାଡ଼ିରେ କାକଟପୁର ସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ନୃତ୍ୟ, ଗୀତ ଓ ପାରମ୍ପରିକ ବାଦ୍ୟ ବଜାଇ ଶୋଭାଯାତ୍ରାରେ ବାହାରି କାକଟପୁର ବଜାର ପରିକ୍ରମା କରିବାପରେ ପୁରୀ ଜିଲାପାଳଙ୍କ ଅଫିସକୁ ଯାଇଥିଲେ ।



ମୋଦୀ ଗ୍ୟାରେଣ୍ଟି ଓ ଲୋକଙ୍କ ସମସ୍ୟା ସମାଧାନ କରିବାର ପ୍ରତିଶ୍ରୁତି ଦେଇ ଭୋଟ ମାଗିବା ସହିତ କେନ୍ଦ୍ର ସରକାରଙ୍କ ଅନୁଦାନ ତଥା ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନାକୁ ରାଜ୍ୟ ସରକାର ସଠିକ ଭାବରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ପାରୁନାହିଁ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ମଲ୍ଲିକ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଥିଲେ । ଉକ୍ତ ଶୋଭାଯାତ୍ରାରେ ଶ୍ରୀ ମଲ୍ଲିକ ଙ୍କ ସହିତ ଚିତ୍ତରଞ୍ଜନ ମିଶ୍ର, ମଙ୍ଗଳା ସାମନ୍ତରାୟ, ରଞ୍ଜନ ମଲ୍ଲିକ, ତପନ ଦାସ, ଅଧିକାରୀ ବେହେରାଙ୍କ ସମେତ ହଜାର ହଜାର ସମର୍ଥକ ଶୋଭାଯାତ୍ରା ରେ ସାମିଲ ହୋଇଥିଲେ ।

## ଧର୍ମଶାଳା ବିଜେଡ଼ିର ବିଶାଳ ଛାତ୍ର ସମାବେଶ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଏକ ବିରାଟ ଛାତ୍ର ସମାବେଶ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ଛାତ୍ରମାନଙ୍କ ପାଇଁ କରିଥିବା ଯୋଜନା ବିଷୟରେ କହିବା ସହିତ ଯୋଡ଼ି ଶଙ୍ଖରେ ଗୋଟିଏ ବିଧାୟକଙ୍କ ପାଇଁ ଓ ଆଉ ଗୋଟିଏ ସାଂସଦଙ୍କୁ ଆଶୀର୍ବାଦ କରିବା ପାଇଁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ର ସମାଜକୁ ସବୁଠୁ ବେଶୀ ଗୁରୁତ୍ୱ ଦେଉଥିବା କହିଥିଲେ । ଦିନଥିଲା ହାତ ଗଣତି କିଛି ପିଲାଙ୍କୁ ଛାତ୍ର ବୃତି ମିଳୁଥିଲା । ଚଳିତ ବର୍ଷ ସମସ୍ତଙ୍କ ପାଇଁ ଛାତ୍ରବୃତି ଘୋଷଣା କରାଯାଇଛି । ଛାତ୍ରୀମାନଙ୍କ ପାଇଁ ୧୦ହଜାର ଟଙ୍କା ଏବଂ ଛାତ୍ରମାନଙ୍କ ପାଇଁ ୯ହଜାର ଟଙ୍କା ପ୍ରଦାନ କରାଯାଇଛି । ପାଠପଢ଼ାରେ ଅର୍ଥ ଆଉ ବାଧକ ହେବନାହିଁ । ଧର୍ମଶାଳାର ସମସ୍ତ କଲେଜ୍ ଏବଂ ୯୫ପ୍ରତିଶତ ହାଇସ୍କୁଲକୁ ୫-ଟି ଯୋଜନାରେ ରୂପାନ୍ତରିତ କରାଯାଇଛି । କଲେଜ୍‌ମାନଙ୍କରେ କ୍ରୀଡ଼ା ଭିତିଭୂମି ବିକାଶ ଓ ଷ୍ଟାଡ଼ିୟମ୍ ନିର୍ମାଣ ହୋଇଛି । ପ୍ରତିକୂଳ ପାଗ ସତ୍ୱେ ବହୁ ସଂଖ୍ୟାରେ ଛାତ୍ରମାନେ ଯୋଗଦେଇ ଥିବାରୁ ବିଧାୟକ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଓଡ଼ିଆ ଚଳଚିତ୍ର ଅଭିନେତା ବାବୁସାନ୍ ମହାନ୍ତି ଓ ଅଭିନେତ୍ରୀ ଏଲିନା ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ଯୋଡ଼ି ଶଙ୍ଖରେ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ । କଣ୍ଠଶିଳ୍ପୀ ତାରିକ୍ ଅଜିଜ୍ ଓ ନାଭ୍ୟା ଜାଇତି ଦଳୀୟ ସଙ୍ଗୀତ ଗାନ କରିଥିଲେ । ସଭାସ୍ଥଳର ଚାରି ଦିଗରୁ ୫୪ପଂଚାୟତର ଛାତ୍ରମାନେ ବାଇକ୍ ଶୋଭାଯାତ୍ରାରେ ଆସି ପହଁଚିଥିଲେ । ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ୍ ବିଜେଡ଼ି ସଭାପତି ଜଳଧର ମହାନ୍ତି, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ବିଜେଡ଼ି ନେତା ଡ. ପ୍ରିୟନାଥ ମହାପାତ୍ର, ନିରଂଜନ ବଳ, ନିର୍ମଳ ପ୍ରଧାନ, ଶରତ ଚନ୍ଦ୍ର ନାୟକ, ଯୁବନେତା ଅକ୍ଷୟ କୁମାର ନାୟକ, ଗୌତମ ସାହୁ, ବିକାଶ ରଂଜନ ବେହେରା, ସବ୍ୟସାଚୀ ସୁନ୍ଦରାୟ, ପ୍ରସନ୍ନ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବ୍ଲକ୍ ଛାତ୍ର ବିଜେଡ଼ି ସଭାପତି ଜଗଦାନନ୍ଦ ରାଉତ ଧନ୍ୟବାଦ ଦେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)


NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray